## ସଂକ୍ଷେପରେ

### କର୍ମଚାରୀ ଅଭାବ, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ବରୀ,୨୬।୧୧(ମହେନ୍ଦ୍ର ସ୍ୱାଇଁ):

ବରୀ ତହସିଲ ଅଧୀନ ରହିଛି ୧୦ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ମାତ୍ର ଏହି ତହସିଲ ଅଧୀନରେ ୫ ଜଣ ରାଜସ୍ୱ ନିରୀକ୍ଷକ ଅଛନ୍ତି । ଫଳରେ ସ୍ଥାନୀୟ ଲୋକମାନେ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି । ଦାୟିତ୍ୱରେ ଥିବା ଅଧିକାରୀମାନେ ବିଭିନ୍ନ କାମରେ ଅନୁପସ୍ଥିତ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ତହସିଲ ଅଧୀନ ରାଜସ୍ୱ ନିରୀକ୍ଷକମାନେ ବାତ୍ୟା ଦାନା ଦ୍ୱାରା କ୍ଷତିଗ୍ରସ୍ତ ପରିବାରକୁ ଚିହ୍ନଟ କରିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେମାନେ ଅନ୍ୟ କୌଣସି କାମ କରିବାକୁ ସମୟ ପାଉ ନ ଥିବାରୁ ବହୁ ମେଧାବୀ ଛାତ୍ରୀଛାତ୍ର ସେମାନଙ୍କ ଆବଶ୍ୟକ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ଯାଜପୁର ଜିଲାପାଳ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

### ମାଗଣା ସ୍ୱାସ୍ଥ୍ୟ ଶିବିର

ଚଢ଼େଇଧରା,୨୬।୧୧(ଦିଲୀପ ପରିଡ଼ା):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଣ୍ଡିଆ ପଞ୍ଚାୟତ ଗେଙ୍ଗୁଟିଆ ଗ୍ରାମର ଶିବ ମନ୍ଦିର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୂମିକା ମେଡିକାଲ ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଆଖପାଖ ଅଞ୍ଚଳରୁ ରୋଗୀମାନେ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଉକ୍ତ ଶିବିରରେ ଅବସରପ୍ରାପ୍ତ ଅଧ୍ୟାପକ ସନ୍ତୋଷ କୁମାର ବେହେରା, ଅର୍ଜୁନ ଚରଣ ସାହୁ, ଖବରଦାତା ଶରତ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

### ସିପିଆଇର ଜିଲାସ୍ତରୀୟ ବୈଠକ

ପାଣିକୋଇଲି, ୨୬।୧୧(ବିକାଶ ମଲ୍ଲିକ):

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଯାଜପୁର ଜିଲାସ୍ତରୀୟ ବୈଠକ ପାଣିକୋଇଲିସ୍ଥିତ ହୋଟେଲ ଓଡ଼ିଆଣୀ ସଭାଗୃହରେ ଆଇନଜୀବୀ ଆଭାମୟୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ନାରାୟଣ ରେଡ୍ଡି ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲା ସମ୍ପାଦକ ଈଶ୍ୱର ପରିଡ଼ା ଯୋଗଦେଇ ସଙ୍ଗଠନର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ରାଜ୍ୟ ପରିଷଦର ସଭ୍ୟ ମଳୟ ପଣ୍ଡା, ବଡ଼ଚଣା ଜୋନ ସମ୍ପାଦକ ଅଜୟ ବିଶ୍ୱାଳ, ଜିଲା ସହ ସମ୍ପାଦକ ଅଜୟ ପଣ୍ଡା, ନିର୍ମାଣ ଶ୍ରମିକ ନେତା ରଞ୍ଜନ କୁମାର ଜେନା, ଜିଲା ପରିଷଦ ସଦସ୍ୟ ରାଧେଶ୍ୟାମ ରାଉତ, ସୁଙ୍ଗଡ଼ା ପାର୍ଟି ସମ୍ପାଦକ ଭଗବାନ ପଣ୍ଡା, ଯୁବ ସଂଘ ନେତା ସୁରେନ୍ଦ୍ର ମଲ୍ଲିକ, ଶିକ୍ଷକ ନେତା ଦୁର୍ଯ୍ୟୋଧନ ବାରିକ, ମହିଳା ସମିତି ନେତ୍ରୀ ହେମଲତା ଜେନା, ଜାହ୍ନବୀ ସେଠୀ ପ୍ରମୁଖ ଯୋଗଦେଇ ପାଟିର ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ।

### ବିଞ୍ଝାରପୁର ବଜାରରୁ ଚୋରି

ବିଞ୍ଝାରପୁର,୨୬।୧୧(ରାମକୃଷ୍ଣ ଦାସ):

ବିଞ୍ଝାରପୁର ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ୨ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଏନେଇ ଦୋକାନୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ କାହ୍ନୁଚରଣ ଦଳାଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ସୋମବାର ରାତିରେ ଦୁର୍ବୃତ୍ତ ବ୍ୟାଙ୍କ ଛକରେ ଥିବା କାହ୍ନୁଚରଣଙ୍କ ମନୋହରୀ ଦୋକାନର କବାଟ ତାଡ଼ି ୫ ହଜାର ଟଙ୍କା ଓ ବହୁ ପ୍ରସାଧନ ସାମଗ୍ରୀ ନେଇଯାଇଛନ୍ତି। ସେହିପରି ମେଡିକାଲ ଛକରୁ ପୂର୍ଣ୍ଣଚନ୍ଦ୍ର ଦୋକାନ କବାଟ ତାଡ଼ି ୧୦ ଦଶ ହଜାର ଟଙ୍କା ନେଇ ଯାଇଛନ୍ତି। ତେବେ ଥାନା ନାକ ଆଗରୁ ଚୋରି ଘଟଣାକୁ ନେଇ ବିଞ୍ଝାରପୁର ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଆରୁହା ଖାଦାନ ବନ୍ଦ ନିର୍ଦ୍ଦେଶ

- ଖଣି ବିଭାଗ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ପତ୍ର
- ଜନସ୍ୱାର୍ଥ ମାମଲା ଆବେଦନକାରୀଙ୍କୁ ମିଳିଲାନି ନ୍ୟାୟ

ଯାଜପୁର,୨୬।୧୧ (ହର୍ଷବର୍ଦ୍ଧନ ବେହେରା):



ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ବେଆଇନ କ୍ରଶର ଏବଂ କଳାପଥର ଖାଦାନ ମାଲିକମାନେ କୌଣସି ନୀତିନିୟମକୁ ମାନୁ ନାହାନ୍ତି। ଏପରି କି ଲଘୁଖଣି ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କ କୌଣସି ନିର୍ଦ୍ଦେଶ ଏଠାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀ ଆରୁହା ଖାଦାନରୁ କଳାପଥର ଉତ୍ତୋଳନ ବନ୍ଦ କରିବାକୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏ ନେଇ ଡବ୍ଲ୍ୟୁପିସି ପିଆଇଏଲ୍ ନଂ. ୨୮୦୩/୨୦୨୪ରେ ସେହି ମାମଲା ପଞ୍ଜୀକୃତ ହୋଇଛି। ଏହି ମାମଲା ଉପରେ ରାଜ୍ୟ ସରକାରଙ୍କ ଷ୍ଟିଲ୍ ଓ ମାଇନ୍ସ ବିଭାଗ ପକ୍ଷରୁ ଉପସଚିବ ରାଜେଶ ପ୍ରସାଦ ନାୟକ ଆଇନ ଅନୁସାରେ ଆରୁହା କଳାପଥର ଖାଦାନ ଓ କ୍ରଶର ୟୁନିଟ ବନ୍ଦ କରିବାକୁ ଯାଜପୁର ଜିଲାପାଳ ଏବଂ ଡିଡିଏମ୍‌ଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ଜିଲାର ୨୬ଟି କଳାପଥର ଖାଦାନକୁ ବନ୍ଦ କରିବାକୁ ଡିଡିଏମ୍ ଅଫିସରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ବନ୍ଦ ହେବା ପରିବର୍ତ୍ତେ ଆରୁହା ଖାଦାନରୁ ଗତ ୩ ଦିନ ହେବ ମାଟି, ମୋରମ ଏବଂ କଳାପଥର ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ରାହାଡ଼ପୁର ଓ ବିଛାଖଣ୍ଡି ଖାଦାନର ଲିଜ୍‌ଧାରୀ ଡିଡିଏମ୍‌ଙ୍କ ନିର୍ଦ୍ଦେଶକୁ ନ ମାନି ଦିନରାତି ଶତାଧିକ ଟ୍ରିପ୍ କଳାପଥର ଚାଲାଣ କରୁଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ଅନ୍ୟପକ୍ଷେ ଜନସ୍ୱାର୍ଥ ମାମଲା ଆବେଦନକାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଇତିମଧ୍ୟରେ ୧୦ ଦିନ ବିତିଥିଲେ ମଧ୍ୟ ଧର୍ମଶାଳା ଥାନା ପୋଲିସ ଏକ ମାମଲା(ନଂ.୮୨୪/୨୦୨୪)ରୁଜୁକରି ଚୁପ୍ ହୋଇ ବସିଛି । ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି(ଡିଜିଏମ୍ଏସ୍)ଙ୍କ ନିର୍ଦ୍ଦେଶ ଅନୁସାରେ ଯେଉଁ ଲିଜ୍‌ଧାରୀମାନେ ମାଇନ୍ସ ମ୍ୟାନେଜର ନିଯୁକ୍ତି, ବ୍ଲାଷ୍ଟିଂ ଅନୁମତି ଇତ୍ୟାଦି ଆଇନ ପାଳନ କରି ନ ଥିବେ ସେମାନଙ୍କ ଖାଦାନ ପାଇଁ ଇ-ଟିପି(ଟ୍ରାନ୍‌ଜିଟ ପାସ୍) ନ ଦେବାକୁ ନିର୍ଦ୍ଦେଶ ଜାରି ହୋଇଥିଲା। ତଥାପି ଆରୁହା ଏବଂ ଅନ୍ୟ କେତେକ ଖାଦାନରେ ପ୍ରତିଦିନ ବେଆଇନ ଭାବେ ପଥର ଉତ୍ତୋଳନ ଜାରି ରହିଛି। ଏନେଇ ଆରୁହା ଗ୍ରାମର ବିପିନ କୁମାର ବେହେରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ତେବେ ଗତ ୧୭ ତାରିଖରେ ଲିଜ୍‌ଧାରୀ ମନୋଜ କୁମାର ସାମଲ କେତେଜଣ ବ୍ୟକ୍ତିଙ୍କୁ ପଠାଇ ଆବେଦନକାରୀ ବିପିନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଧର୍ମଶାଳା ଥାନାରେ ମନୋଜ କୁମାର ସାମଲ, ନିରାକାର ସାମଲ, ସୁରେଶ ସାମଲ ଓ ପ୍ରମୋଦ ସାମଲଙ୍କ ନାମରେ ମାମଲା ରୁଜୁ ହୋଇଛି।

ଏ ସଂକ୍ରାନ୍ତରେ ଯାଜପୁର ଡିଡିଏମ୍ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ନିୟମିତ ବ୍ୟବଧାନରେ ବେଆଇନ ଖାଦାନଗୁଡିକ ଉପରେ ଚଢ଼ାଉ ଜାରି ରହିଛି। ଆରୁହା ପାହାଡ଼ରେ ଚାଲିଥିବା ଖାଦାନଗୁଡିକ ଉପରେ ମଧ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଆଦିବାସୀ ନୃତ୍ୟରେ ବିମୋହିତ ଦର୍ଶକ



### ଭାଲୁପୋଡ଼ା ଯାତ୍ରା

ଛତିଆ,୨୬।୧୧(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଅନୁଷ୍ଠିତ ହେଉଥିବା ଭାଲୁପୋଡ଼ା ଯାତ୍ରାର ପ୍ରଥମ ଦିନରେ ପାରମ୍ପରିକ ଆଦିବାସୀଙ୍କ ନୃତ୍ୟ ଆକର୍ଷଣର କେନ୍ଦ୍ର ପାଲଟିଛି। ୭ ମେଢ଼ ଭସାଣି ଶୋଭାଯାତ୍ରାରେ ଯାଇ ଯାତ୍ରା ପଡିଆରେ ପହଞ୍ଚିଥିଲେ। ପ୍ରଥମେ ଥାନପତି ମେଢ଼ ଯାତ୍ରା ପଡିଆରେ ପହଞ୍ଚିବା ପରେ ଉପର ବଜାର, ଦେବୀ ସାହି, ଚାନ୍ଦିନୀଚୌକ, ନନା ଟୁଙ୍ଗି, ଇନ୍ଦ୍ର ବଜାର, ଗୌରୀ ଶଙ୍କର ପୂଜା କମିଟିର ମେଢ଼ଗୁଡିକ ବିରାଟ ପଟୁଆରରେ ଭସାଣି କରି ଯାତ୍ରା ପଡିଆରେ ପହଞ୍ଚିଥିଲେ। ଉକ୍ତ ଯାତ୍ରାରେ ଦେବୀସାହି ପୂଜା କମିଟି ପକ୍ଷରୁ କଳାହାଣ୍ଡି କଟାପା ନୃତ୍ୟ ପରିବେଷଣ ସହ ପୁରୀର ନାଗା ମେଢ଼, ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ବରଗଡ଼ ଆଦିବାସୀ ନୃତ୍ୟ ଦେଖିବାକୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହା ସମେତ ଇନ୍ଦ୍ର ବଜାର, ମୟୂର ନାଚ, ନନା ଟୁଙ୍ଗିର ଆନ୍ଧ୍ରପ୍ରଦେଶ ବ୍ୟାଣ୍ଡ ଓ ବିଭିନ୍ନ ପ୍ରକାରର ଆଲୋକ ଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ବୁଧବାର ସୋଲର, ଏକତାଳିଆ, ଛତିଆଗୁଡ଼ିଆ ସାହି ପୂଜା କମିଟି ମେଢ଼ ଯାତ୍ରାରେ ସାମିଲି ହେବ ବୋଲି ସୂଚନା ମିଳିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୩ ଆଇଆଇସିଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ପାଇଁ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜେନାପୁର,୨୬।୧୧(ଅଶୋକ ଦାସ):

ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଗଠନ ପାଇଁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସମ୍ପ୍ରସାରଣ ଅଧିକାରୀ ସବିତାରାଣୀ ମହାନ୍ତି, ମହିଳା ସ୍ୱାସ୍ଥ୍ୟକର୍ମୀ ସାବିତ୍ରୀ ଦାସ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ସତ୍ୟାନନ୍ଦ ସାହୁ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେବାଶିଷ ଦାସ, ପ୍ରଧାନଶିକ୍ଷକ ନିରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ତମାଖୁ ସେବନ ଦ୍ୱାରା ପିଢ଼ି ପଥଭ୍ରଷ୍ଟ ହେଉଥିବା କହିଥିଲେ। ଏଥିସହିତ ତମାଖୁ ସେବନରୁ ନିବୃତ୍ତ ରହିବା ପାଇଁ ବର୍ତ୍ତମାନ ଏବଂ ଭବିଷ୍ୟତର ବଂଶଧର ସତର୍କ ଓ ସଚେତନ ରହିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ରାଲିରେ ଗ୍ରାମ ପରିକ୍ରମା କରି ଲୋକଙ୍କୁ ତମାଖୁଠାରୁ ଦୂରେଇ ରହିବା ପାଇଁ ସ୍ଲୋଗାନ ଦେଇଥିଲେ। ପିଲାମାନଙ୍କୁ ପ୍ରଶ୍ନୋତ୍ତର ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

### ଧର୍ମଶାଳା ମହୋତ୍ସବ ପ୍ରସ୍ତୁତି ବୈଠକ

ଧର୍ମଶାଳା,୨୬।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀ ନାରାୟଣ ପୂଜା ପରିପ୍ରେକ୍ଷୀରେ ଜାରକାସ୍ଥିତ ତ୍ରନାଥ ମନ୍ଦିର ପରିସରରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୧୬ରୁ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବ। ଡିସେମ୍ବର ୨୫ରେ ଧର୍ମଶାଳା ମହୋତ୍ସବ ଆରମ୍ଭ ହୋଇ ଜାନୁଆରୀ ୫ରେ ଶେଷ ହେବ ବୋଲି ସ୍ଥିର କରାଯାଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ସଭାପତି ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ସଭ୍ୟ ଯୋଗଦେଇ ଚଳିତ ଥର ପୂଜା ଓ ମହୋତ୍ସବ କିପରି ସରସ ସୁନ୍ଦର ହୋଇପାରିବ ସେ ନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ମହୋତ୍ସବକୁ ଶାନ୍ତି ଶୃଙ୍ଖଳା ସହ ସମାପନ କରାଯିବା ପାଇଁ କମିଟି ପକ୍ଷରୁ ୨୦ ବିଭାଗ କରାଯାଇ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା ବୈଠକରେ କମିଟି କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ, ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ସାହୁ, କୋଷାଧ୍ୟକ୍ଷ ଶରତ ଓଝା, କାର୍ଯ୍ୟକାରୀ ସଦସ୍ୟ ଦେବରାଜ ମିଶ୍ର, ରାଜେଶ ପାଲ, ଜିତେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଜଳିଗଲା ୫ ବଖରା

ଝୁମ୍ପୁରୀ,୨୬।୧୧(ସରୋଜ ନାୟକ):

ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ ସୁତାର ସାହିରେ ସୋମବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ ବଖରା ଘର ଜଳିଯାଇଛି। ଏଥିସହିତ ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ଗ୍ରାମର ବଂଶୀଧର ସୁତାର, ଅନ୍ନପୂର୍ଣ୍ଣା ସୁତାର ଓ ନିରଞ୍ଜନ ସୁତାରଙ୍କ ପରିବାର ସୋଇଥିବା ସମୟରେ କୌଣସି କାରଣରୁ ସେମାନଙ୍କ ଘର ଜଳୁଥିବା ଦେଖିବାକୁ ମିଳିଥିଲା। ଘରର ଜଣେ ମହିଳା ଉଠି ଏହା ଦେଖିବା ପରେ ଜୀବନ ବିକଳରେ ଅନ୍ୟମାନେ ପଦାକୁ ବାହାରି ଆସିଥିଲେ। ଖବର ପାଇ ଦଶରଥପୁର ଅଗ୍ନିଶମ ବାହିନୀ କର୍ମକର୍ତ୍ତା ଲିଙ୍ଗରାଜ ସାହୁ, ସତ୍ୟନାରାୟଣ ସିଂହ, ମୃତ୍ୟୁଞ୍ଜୟ ଲେଙ୍କା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## କବି ଅନନ୍ତ ସ୍ମୃତି ପାଠାଗାରର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

ପ୍ରୀତିପୁର,୨୬।୧୧(ସୁଶାନ୍ତ ବେହୁରିଆ):

ଦଶରଥପୁର ବ୍ଲକ ଅଧୀନ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପଠାରେ ରବିବାର କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଡ. ବିଜୟ କିଶୋର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଚିନ୍ତାମଣି ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର ମାନସ ବେହେରା ଓ ସମ୍ମାନିତ ଅତିଥି ଭାବେ କବି ଜ୍ଞାନରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ପାଠାଗାର ଓ ସାଂସ୍କୃତିକ ପରିଷଦର ସମ୍ପାଦକ ଶଶିକାନ୍ତ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନାଟ୍ୟକାର ନିର୍ମଳ ଚନ୍ଦ୍ର ପତିଙ୍କ ଲିଖିତ ଏବଂ କଳାକାର କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ନିର୍ଦ୍ଦେଶିତ ସାମାଜିକ ସଚେତନଧର୍ମୀ ନାଟକ 'ମଣିଷ' ପରିବେଷଣ କରାଯାଇଥିଲା। କଳା, ସାହିତ୍ୟ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅତିଥି ସମ୍ବର୍ଦ୍ଧିତ କରିବା ସହ କବି ନିରଞ୍ଜନ ପତିଙ୍କ ଲିଖିତ ପୁସ୍ତକ 'ଶାମୁକାର ସ୍ୱପ୍ନ'କୁ ଲୋକାର୍ପିତ କରିଥିଲେ। ପାଠାଗାର ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପାଠାଗାର ପକ୍ଷରୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ହରେରାମ ପଣ୍ଡା, ସମ୍ଭକାର ଡ. ବାସୁଦେବ ମିଶ୍ର, ସାମ୍ବାଦିକ ଉମାକାନ୍ତ ଧଳ, କବି ଓ ଗାଳ୍ପିକ ଶୁଭେନ୍ଦୁ ମହାପାତ୍ର, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ବରିଷ୍ଠ ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ ଓ ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ପାଠାଗାର ପକ୍ଷରୁ ସଭାପତି ଦୁର୍ଯ୍ୟୋଧନ ଜେନା, ସନାତନ ନାୟକ, ଅକ୍ଷୟ ମଲ୍ଲିକ, ଗୌତମ ବେହେରା, ଅଭୟ କରଙ୍କ ସମେତ ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବିଧାନ ବିନା ଅଗ୍ରଗତି ଅସମ୍ଭବ

ଧର୍ମଶାଳା,୨୬।୧୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଙ୍ଗଠନ ପକ୍ଷରୁ ଜାରକାସ୍ଥିତ ଆମ୍ବେଡକର ଭବନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଦଳିତ ନେତା ନାରାୟଣ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ମିନତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସମ୍ବିଧାନ ବିନା ଶୃଙ୍ଖଳିତ ସମାଜ ଏବଂ ଅଗ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ କାହ୍ନୁଚରଣ ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତ ସମ୍ବିଧାନ ବିଶ୍ୱକୁ ଦିଗଦର୍ଶନ ଦେଇଛି ବୋଲି କହିଥିଲେ। ମହିଶରା ସରପଞ୍ଚ ସଫଳା ବେହେରା, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ହରିଜନ ନେତା ବିନୋଦ ବିହାରୀ ମଲିକ ଓ ଶିକ୍ଷାବିତ ପୁରୁଷୋତ୍ତମ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତର ସମ୍ବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶୁଭକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

ସେହିପରି ଧର୍ମଶାଳା ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋର୍କର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତାଭାବେ ମଧୁପୁର କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ତୁହିନାଂଶୁ ରଥ ଯୋଗଦେଇ ସମ୍ବିଧାନ ଉପରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ସୁନାକର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀମାନଙ୍କୁ ଶପଥପାଠ କରାଯାଇଥିଲା। ଅଧ୍ୟାପିକା ସସ୍ମିତ ରାଉତରାୟ ଧନ୍ୟବାଦ ଦେଇଥିଲେ।




ଧର୍ମଶାଳା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସଙ୍ଗଠନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ



ବାଣିଜ୍ୟ ମେଳା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁରରୋଡ୍,୨୬।୧୧ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରରେ ୩୫ତମ ଜାତୀୟ ଜାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ବରିଷ୍ଠ ଅଧିକାରୀ ଶୁଭଜିତ କର୍ମକାର ଓ ପେମେନ୍ଦ୍ର ସିଂ ସିହ୍ନା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳା କମିଟି ସଭାପତି ଜିତେନ୍ଦ୍ର କୁମାର ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶୁଭାଶିଷ ରାଉତ ଏବଂ ସଂଗ୍ରାମ କେଶରୀ ରାଉତ ମଞ୍ଚରେ ଉପସ୍ଥିତ ଥିଲେ। ମେଳା ଡିସେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ଶିଳ୍ପ, ବାଣିଜ୍ୟ ଓ ଗ୍ରାହକଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବା ସହିତ ଜାତୀୟ ସଂହତିର ଭାବନା ଜାଗ୍ରତ କରାଇବା ଉଦ୍ଦେଶ୍ୟ ନେଇ ଏହି ମେଳାରେ ବିଭିନ୍ନ ଶିଳ୍ପ, ଖଣି, ବସ୍ତ୍ର, ହସ୍ତଶିଳ୍ପ, କୁଟୀର ଶିଳ୍ପର ସାମଗ୍ରୀ ସ୍ଥାନ ପାଇଛି। ଝାଡ଼ଖଣ୍ଡ ନଟରାଜ କଳା କେନ୍ଦ୍ରର ପ୍ରଭାତ ମାହାତୋ ଓ ସାଥୀ କଳାକାରଙ୍କ ଦ୍ୱାରା ପାଇକ ଏବଂ ଛଉ ନୃତ୍ୟ ସହ କୋଲକାତା ଜଲସା ଚନ୍ଦ୍ର ଗ୍ରୁପ ଦ୍ୱାରା ଭାରତ ନାଟ୍ୟମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଦିବସରେ ସୁଶ୍ରୀ ଶୁଭଲକ୍ଷ୍ମୀ ସ୍ୱାଇଁ ଓ ସହଯୋଗୀ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ 'ଦଶ ଅବତାର' ପରିବେଷଣ କରାଯାଇଥିଲା। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ସାଂସ୍କୃତିକ ଦଳ ଡିସେମ୍ବର ୧ରୁ୫ ପର୍ଯ୍ୟନ୍ତ ମେଳାରେ ସେମାନଙ୍କର କଳା ପ୍ରଦର୍ଶନ କରିବେ ବୋଲି ସ୍ଥିର କରାଯାଇଛି।

# ଚାଷୀଙ୍କ ପାଖରେ ପହଞ୍ଚିପାରୁନି ଆଲୁ ବିହନ

■ ବାଟ ହୁଡୁଛି ଆଲୁ ମିଶନ
■ ଚଢ଼ା ଦରରେ କିଣି କରୁଛନ୍ତି ଚାଷ

ମହାକାଳପଡ଼ା, ୨୬।୧୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଥିବା ଚାଷୀମାନଙ୍କୁ ଆଳୁଚାଷ ନିମନ୍ତେ ପ୍ରୋତ୍ସାହିତ କରୁଛନ୍ତି। ବଜାରରେ ଆଳୁ ସଙ୍କଟ ଥିବା ସମୟରେ ଯେପରି ଚାଷୀଟିଏ ନିଜ ହାତ ପାହାନ୍ତରେ ଆଳୁ ପାଇପାରିବ ସେ ଲକ୍ଷ୍ୟ ନେଇ ସରକାର ଉଦ୍ୟାନ କୃଷି ଯୋଜନାରେ ଆଳୁ ବିହନ ଯୋଗାଇ ଦେବାର ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିଛନ୍ତି। ଆଳୁଚାଷ ନିମନ୍ତେ ସାର, କୀଟ ନାଶକ, ଯନ୍ତ୍ରପାତି ଆଦି ରିହାତି ଦରରେ ଯୋଗାଇ ଦେଉଛନ୍ତି। ମାତ୍ର ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ ଚାଷୀ ପାଇପାରୁନାହାନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଚାଷୀ ଆଳୁଚାଷ କରିବାକୁ ଇଚ୍ଛୁକ ଥିବା ବେଳେ ସେମାନଙ୍କୁ ବିହନ ମିଳୁନାହିଁ, ଫଳରେ ସେମାନେ ବଜାରରୁ ଚଢ଼ା ଦରରେ ବିହନ କିଣି କ୍ଷେତ ପ୍ରସ୍ତୁତି କରି ଲଗାଉଛନ୍ତି। ବିଗତ ବର୍ଷଗୁଡ଼ିକରେ ଓଡ଼ିଶାରେ ଆଳୁ ସଙ୍କଟ ଥିବାରୁ ପଶ୍ଚିମବଙ୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡୁଛି। ଚଳିତବର୍ଷ ଖାଉଟିମାନଙ୍କ ହାଣ୍ଡି ଶାଳରେ ଆଳୁ ଉଭାନ ହୋଇଯିବା ଓ ପରେ ପଶ୍ଚିମବଙ୍ଗର ସରକାର ଓଡ଼ିଶାକୁ ଆଳୁ ଯୋଗାଣ ବନ୍ଦ କରିଥିଲେ। ସରକାର ବାଧ ହୋଇ ଖାଉଟିମାନଙ୍କ ଆଳୁ ଆବଶ୍ୟକତା ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ, ପଞ୍ଜାବ, ବିହାର ରାଜ୍ୟରୁ ଆମଦାନୀ କରି ସଙ୍କଟ ଦୂର କରିଥିଲେ। ପରେ ପଶ୍ଚିମବଙ୍ଗ ସହିତ ରାଜ୍ୟ ସରକାରଙ୍କ ବୁଝାମଣା ପରେ ଓଡ଼ିଶାକୁ ଆଳୁ ଆସିଥିଲା। ରାଜ୍ୟ ସରକାର କ୍ଷେତରେ ଅମଳ ହୋଇଥିବା ଆଳୁକୁ ଗଚ୍ଛିତ ରଖିବା ପାଇଁ ପ୍ରତି ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ବ୍ଲକର ବରକନ୍ଧା ପଞ୍ଚାୟତର ଗୋଖାଖଟି ଗ୍ରାମର ଆଳୁଚାଷୀ ଅଧିକାରୀ ସ୍ୱାଇଁଙ୍କ କହିବା କଥା ବିଭାଗ ପକ୍ଷରୁ ଆଳୁ ବିହନ ମିଳିଲା ନାହିଁ। ଆମେ ବାଧ ହୋଇ ଚଢ଼ା ଦରରେ ଖୋଲା ବଜାରରୁ କିଣି ଚାଷ କରିଛୁ। ପ୍ରକୃତ ଚାଷୀମାନଙ୍କ ନିକଟରେ ଆଳୁ ବିହନ ପହଞ୍ଚିପାରୁନି ବୋଲି ବହୁଚାଷୀ ଅଭିଯୋଗ କରିଛନ୍ତି। ବ୍ଲକର ୧୨ ପଞ୍ଚାୟତରେ ୨୭୩ ବସ୍ତା ବିହନ (ପ୍ରତି ବସ୍ତା ୫୦ କିଲୋ) ୯୧ ଚାଷୀଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି। ବ୍ଲକର ସୁନିତି, ବଡିଢ଼ି, କେବି ଦାଣ୍ଡୁଆ, ଦେଉଳପଡ଼ା, ରଜଗଡ଼, ବରକନ୍ଧା, କରଞ୍ଜି, ବଡ଼କୂଳ, ଅମେଇପାଳ, ମହାକାଳପଡ଼ା, ରାମନଗର, ଅଳାଇଲୋ ପଞ୍ଚାୟତରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି ବୋଲି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବ୍ଲକ ଉଦ୍ୟାନ କୃଷି ଅଧିକାରୀ ସୌରଭ ମହାପାତ୍ରଙ୍କୁ ପଚାରିବାରେ ପ୍ରଥମ ପର୍ଯ୍ୟାୟରେ ୨୭୩ବସ୍ତା ଆଳୁ ବିହନ ଯୋଗାଣ ହୋଇଛି। ଯାହା ବିହନ ଆସିଥିଲା ଚାଷୀଙ୍କୁ ଯୋଗାଇ ଦେଉଛୁ। ପରେ ୨ ଶହ ବସ୍ତା ଆବଶ୍ୟକତା ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ବିହନ ଆସିଲେ ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।


ଗୋଖାଖଟି ଗାଁର ଚାଷୀମାନେ ଆଳୁ ବିହନ ଲଗାଉଛନ୍ତି।

# ସ୍ୱାସ୍ଥ୍ୟସେବା ସୁଧାର ଦାବିରେ ଆପ୍‌ର ବିକ୍ଷୋଭ


ଖବରଦାତା ସମ୍ମିଳନୀରେ ଆପ୍ ନେତା ଓ କର୍ମୀ।

କେନ୍ଦ୍ରାପଡ଼ା, ୨୬।୧୧
(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। ଜିଲାର ୧୭ର ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ହନ୍ତସନ୍ତ ହେଉଛନ୍ତି। ଏଥିରେ ସୁଧାର ଦାବି କରି ପ୍ରତିଷ୍ଠା ଦିବସରେ ଜିଲା ଆପ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ସନ୍ଦୀପ୍ତ ଦାସ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଏହି ଜିଲାରେ ସ୍ୱାସ୍ଥ୍ୟସେବା ପ୍ରତି ପୂର୍ବତନ ଓ ବର୍ତ୍ତମାନର ଶାସକ ଦଳ ଆଦୌ ସଚେତନ ନୁହନ୍ତି। ସହରରେ ସିଟି ହସ୍ପିଟାଲ, ଜିଲାରେ ମେଡିକାଲ କଲେଜ ପାଇଁ ବିଭିନ୍ନ ଥର ଆପ୍ ପକ୍ଷରୁ ଦାବି ସହ ଆନ୍ଦୋଳନ କରାଯାଇଛି। ଏପରିକି ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ପାଇଁ ଦୁଇ ମାସ ଧରି ଗଣ ଆନ୍ଦୋଳନ ହୋଇଛି। ଉନ୍ନତମାନର ଚିକିତ୍ସା ସେବା ଯୋଗାଇ ଦେବା ଶାସକ ଦଳର ପ୍ରାଥମିକ କାର୍ଯ୍ୟ ହୋଇଥାଏ। ଏ ନେଇ ଦିଲ୍ଲୀର ଆପ୍ ସରକାର ସର୍ବଦା ତତ୍ପର ହୋଇଥିବା ବେଳେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାର ରୋଗୀ ଏଥିନେଇ ହନ୍ତସନ୍ତ ହେଉଛନ୍ତି। ଆବଶ୍ୟକ ଡାକ୍ତର, କର୍ମଚାରୀ, ଭିତ୍ତିଭୂମି ନ ଥିବାରୁ ଉପାନ୍ତ ଅଞ୍ଚଳରେ କ୍ୱାକ୍‌ଙ୍କ ରାଜୁତି ବଢ଼ିଚାଲିଛି। ଆମ୍ବୁଲାନ୍ସ ସେବାଠାରୁ ଆରମ୍ଭ କରି ଜିଲା ଓ ଗ୍ରାମାଞ୍ଚଳ ପାଇଁ ଅନ୍ୟୂନ ୨ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଭିତ୍ତିଭୂମି ଯୋଗାଇ ଦେବାକୁ ୧୨ଟି ଦାବି ରଖାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଇଥିବା ସଭାପତି ଦାସ କହିଛନ୍ତି। ଏହି ବିକ୍ଷୋଭରେ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପରିଡା, ଦେବାଶିଷ ଦାଶ, କୁମୁଦ ରାଉତ, ରୁଦ୍ରପ୍ରସାଦ ବେହେରା, ମହମ୍ମଦ ସାହିଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଅନ୍ଧାରରେ ୩ଶହରୁ ଅଧିକ ନର୍ସିଂ ଶିକ୍ଷାର୍ଥୀଙ୍କ ଭବିଷ୍ୟତ


ଖବରଦାତା ସମ୍ମିଳନୀରେ କଳାକାର ରାଉତ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୨୬।୧୧
(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଟାଉନ ଥାନା ଅଧୀନ କଜଳାଠାରେ ବଳଦେବ ନର୍ସିଂ କଲେଜ ଚାଲିଛି। ତେବେ ପରିଚାଳନା ଟ୍ରଷ୍ଟର ବିଭ୍ରାଟରୁ ଏଠାରେ ଥିବା ୩ ଶହରୁ ଅଧିକ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଯାଉଛି। ପରିଚାଳନା ଟ୍ରଷ୍ଟର କର୍ମକର୍ତ୍ତା କଳାକାର ରାଉତ ଖବରଦାତା ସମ୍ମିଳନୀ କରି ଏ ସମ୍ପର୍କରେ ମଙ୍ଗଳବାର ସୂଚନା ଦେଇଛନ୍ତି। ରାଉତ କହିଛନ୍ତି, ୨୦୨୦ରୁ ଶ୍ରୀଗୁରୁଦେବ ଟ୍ରଷ୍ଟ ଗଠନ କରାଯାଇ ନର୍ସିଂ ଶିକ୍ଷା ବ୍ୟବସ୍ଥା କରାଯାଇଛି। ଶିକ୍ଷାର୍ଥୀଙ୍କ ଶିକ୍ଷାଦାନ ପାଇଁ ଏହି ଟ୍ରଷ୍ଟ ଅନୁଦାନ ନେଇଥାଏ। ତେବେ ଟ୍ରଷ୍ଟ ମଧ୍ୟରେ ଥିବା ନିମାଇଁ ଚରଣ ଦାସ ଜିଲାର ଏକ ସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ଜଣାପଡ଼ିବା ପରେ ଚଳିତ ମାସରେ ଏ ନେଇ ତଦନ୍ତ ହେଉଛି। ପରିଚାଳନା କମିଟିରୁ ବାହାର କରିବାକୁ ତାଙ୍କୁ ଅନୁରୋଧ ସତ୍ତ୍ୱେ ସୁଫଳ ନ ମିଳିବାରୁ ଏ ନେଇ ପ୍ରଥମେ ଜିଲା ଶିକ୍ଷା ବିଭାଗ ଓ ପରେ ଟାଉନ ଥାନାରେ ଅଭିଯୋଗ ହୋଇଛି। ଉଭୟ ସ୍ଥାନରେ ଏବେ ତଦନ୍ତ ଚାଲିଛି। ଏହାକୁ ଦୃଷ୍ଟିରେ ରଖିଲେ, ଶିକ୍ଷାର୍ଥୀଙ୍କ ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି ସେ ସମ୍ମିଳନୀରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଟ୍ରଷ୍ଟି ନିମାଇଁ ଚରଣ ଦାସଙ୍କୁ ମୋବାଇଲ ଫୋନ ନଂ. ୯୪୩୭୪୩୫୪୯୨କୁ ଯୋଗାଯୋଗ କରିବାରେ ରିଙ୍ଗ ପରେ ସେ ସୁଇଚ୍ ଅଫ କରି ଦେଇଥିଲେ।

# ଲୁଟ୍ ଘଟଣାରେ ୫ ଗିରଫ

ଆଳି, ୨୬।୧୧
(ବନମାଳୀ ସେନାପତି)

ଆଳି ଥାନା ଅଞ୍ଚଳରେ ଗତ ସପ୍ତାହେ ହେବ ଆତଙ୍କ ସୃଷ୍ଟି କରିଥିବା ଦୁର୍ବୃତ୍ତମାନଙ୍କୁ ପୋଲିସ ଗିରଫ କରିଛି। ଗିରଫ ୫ ଅଭିଯୁକ୍ତଙ୍କ ନିକଟରୁ ୬ ମୋବାଇଲ, ନଗଦ ଟଙ୍କା, ଚୋରିରେ ବ୍ୟବହୃତ ସ୍କୁଟି ଓ ବାଇକ୍ ମଧ୍ୟ ଜବତ କରାଯାଇଛି।

ପୋଲିସ ସୂଚନା ମୁତାବକ, ଗତ ୨୩ ତାରିଖ ରାତିରେ କଟକ-ଚାନ୍ଦବାଲି ରାସ୍ତାର ମାଳପାଟଣା ନିକଟରେ ଏକ ଘରୋଇ କମ୍ପାନୀ ଟ୍ରକ୍ ଅଟକାଇ ଦୁର୍ବୃତ୍ତ ଟଙ୍କା ସହ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ। ଏ ନେଇ ଟ୍ରକ୍ ଡ୍ରାଇଭର ପି. ବାବୁ ଥାନାରେ ଅଭିଯୋଗ କରିଥିଲେ। ସେହିପରି ସେହିଦିନ ରାତିରେ ଛପୋଲିଆ ନିକଟରେ ଏକ ବୋଲେରୋ ଅଟକାଇ ଦୁର୍ବୃତ୍ତ ଟଙ୍କା ଛଡ଼ାଇ ନେଇଥିଲେ। ପୋଲିସ ୨ଟି ଅଭିଯୋଗ ପାଇବା ପରେ ନଂ. ୬୮୮/୨୪, ୬୯୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣା ମଧ୍ୟରେ ଆଳି ଥାନା ଅନ୍ତର୍ଗତ ପାଇକସାହିର ଅଞ୍ଜନ ସାମଲଙ୍କୁ ଭୁଜାଲି ଦେଖାଇ ତାଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେବା ସହ ମାଳପାଟଣା ଗ୍ରାମର ସ୍ୱପ୍ନଜିତ ଲେଙ୍କା ଟିଉସନ ସାରି


ଆଇଆଇସି ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

**୬ ମୋବାଇଲ, ୨ ବାଇକ୍ ଜବତ**

ରାତିରେ ଘରକୁ ଫେରୁଥିବା ବେଳେ ତାଙ୍କୁ ବାଟରେ ଅଟକାଇ ମୋବାଇଲ ଛଡାଇ ନେଇଥିଲେ। ସେ ଦୁର୍ବୃତ୍ତମାନଙ୍କୁ କାବୁ କରିବା ସମୟରେ ସେମାନେ ତାଙ୍କ ଆଖିକୁ ଆକ୍ରମଣ କରିଥିଲେ। ଅନ୍ୟ ଘଟଣାରେ ମାଳପାଟଣାର ବାବାଜୀ ସାହୁ, ପତ୍ରପୁରର ଆଶୁତୋଷ ଦାଶ, ଏଣ୍ଡୋଳ ଗ୍ରାମର ବାମଦେବ ମହାନ୍ତିଙ୍କ ନିକଟରୁ ମଧ୍ୟ ଦୁର୍ବୃତ୍ତ ମୋବାଇଲ ଲୁଟି ନେଇ ପଳାଇ ଥିଲେ। ସେହିପରି ରାସ୍ତାରେ ଯାତାୟତ କରୁଥିବା ବଡ଼ଗାଡ଼ିକୁ ଅଟକ ରଖି ଦୁର୍ବୃତ୍ତମାନେ ଲୁଟପାଟ କରିବା ଘଟଣା ଆଳି ପୋଲିସର ଚିନ୍ତା ବଢ଼ାଇ ଦେଇଥିଲା। ମଙ୍ଗଳବାର ପୋଲିସ ସିଙ୍ଗିରିରେ ଚଢ଼ାଉ କରି ସେହି ଅଞ୍ଚଳର ଦୋଳଗୋବିନ୍ଦ ସେଠୀ, ଚନ୍ଦନ ମଲିକ, ଗଣେଶ୍ୱର ସେଠୀ, ସନ୍ତୋଷ ସେଠୀ, ଜୀବନ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୬ଟି ମୋବାଇଲ ଫୋନ, ୬୫୫୫ ଟଙ୍କା ସହିତ ନଂ. ଓଡି ୨୯ ଏନ ୪୧୫୬ ସ୍କୁଟି, ନଂ. ଓଡି ୨୯ଏଲ ୦୩୧୨ ବାଇକ୍ ଜବତ କରିଛି। ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ସବ୍ୟସାଚି ଶତପଥୀ ସୂଚନା ଦେଇଛନ୍ତି।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଡ୍ରେନେଜ ମାଷ୍ଟର ପ୍ଲାନ ଅନୁମୋଦିତ

■ ବିଧାନସଭାରେ ପଟ୍ଟାମୁଣ୍ଡାଇ ସମସ୍ୟା ଉଠାଇଲେ ବିଧାୟକ
■ ସେତୁ, ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଦାବି

ପଟ୍ଟାମୁଣ୍ଡାଇ, ୨୬।୧୧
(କଳ୍ପତରୁ ନାୟକ)

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ମଙ୍ଗଳବାର ଆରମ୍ଭ ହେଇଥିବା ବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇର ମୁଖ୍ୟ ସମସ୍ୟା ଉତଥାପିତ କରିଛନ୍ତି। ସେଥିରେ ପୌରାଞ୍ଚଳର ଜଳ ନିଷ୍କାସନ, ଶ୍ରୀରାମପୁର-ମାସାହାଣୀ ସେତୁ ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ରାସ୍ତାଘାଟ ସମସ୍ୟା ଉତଥାପନ କରି ସରକାରଙ୍କଠାରୁ ଜବାବ ମାଗିଛନ୍ତି।

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ମୁଖ୍ୟ ସମସ୍ୟା ଭାବେ ଜଳ ନିଷ୍କାସନ ସମସ୍ୟା ବର୍ଷବର୍ଷ ଧରି ଲାଗି ରହିଛି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି। ଏଭଳିସ୍ଥିତିକୁ ଦେଖି ବିଧାୟକ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବର୍ଷ ବର୍ଷ ଧରି ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ୫ମ ରାଜ୍ୟ ଅର୍ଥ କମିଶନଙ୍କ ଅନୁମୋଦନକ୍ରମେ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ ଲାଗି ପଟ୍ଟାମୁଣ୍ଡାଇ ପୌରପରିଷଦକୁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଛି। ସେହିପରି ରାଜନଗର ଓ ଆଳି ନିର୍ବାଚନମଣ୍ଡଳୀ ମଧ୍ୟରେ ଦୂରତା କମାଇବାକୁ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ପଞ୍ଚାୟତର ପାଳପାଟଣାଠାରେ ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ପାଳପାଟଣା-ମାସାହାଣୀ ସେତୁର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ବିଧାୟକ ସାହୁଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପାଳପାଟଣା-ମାସାହାଣୀ ସେତୁ ପାଇଁ ୨୦୧୩-୧୪ରେ କେନ୍ଦ୍ର ସରକାର ଅନୁମୋଦନ କରିଥିଲେ। ମାତ୍ର ଆଇଡ଼ବ୍ଲୁଏଆଇ (ଇନଲ୍ୟାଣ୍ଡ ୱାଟର ୱେଏ ଅଥରିଟି ଅଫ ଇଣ୍ଡିଆ)ଠାରୁ ଏନଓସି ନ ମିଳିବାରୁ ଏହି ସେତୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରୁ ବାଦ ପଡ଼ିବା ସହ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଚଳିତବର୍ଷ ଏହି ପାଳପଟଣା-ମାସାହାଣୀ ସେତୁ ବନ୍ଧନ ଯୋଜନାରେ ଅନୁମୋଦିତ ହୋଇନାହିଁ ବୋଲି ବିଧାନସଭା ସଭା ଗୃହରେ ପ୍ରକାଶ କରିଛନ୍ତି। ଏଥିସହ ବିଭିନ୍ନ ରାସ୍ତା କାମ ତ୍ୱରାନ୍ୱିତ କରାଯାଇଛି।

# ମାର୍ଚ୍ଚ ସୁଦ୍ଧା ସରିବ ନିର୍ମାଣାଧୀନ ୮ ରାସ୍ତା

**ବିଧାନସଭାରେ ରାଜନଗର ବିଧାୟକଙ୍କ ପ୍ରଶ୍ନ**

ରାଜନଗର, ୨୬।୧୧
(ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀରେ ରାସ୍ତା ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ରାସ୍ତା ନିର୍ମାଣ ଶେଷ ହେବାର ଅବଧି ସରିବାକୁ ବସିଲାଣି। ଏଭଳି ସ୍ଥଳେ କେଉଁଠି ରାସ୍ତା ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଆଉ କେଉଁଠାରେ ଆଦୌ କାମ ଆରମ୍ଭ ହୋଇନାହିଁ। ରାସ୍ତା ନିର୍ମାଣ ପାଇଁ ସରକାର ଅର୍ଥ ଦେବା ସହ ଟେଣ୍ଡର କରି ଠିକାଦାର ନିଯୁକ୍ତ କରିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନୀ ଯୋଗୁ ରାସ୍ତାକାମ ହେଉନି; ଯାହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ବଢୁଥିବା ବେଳେ ଲୋକେ ହୀନସ୍ତା ହେଉଛନ୍ତି। ମଙ୍ଗଳବାର ବିଧାନସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ନିର୍ବାଚନମଣ୍ଡଳୀରେ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଟେଣ୍ଡର ହୋଇ ଏଗ୍ରୀମେଣ୍ଟ ହୋଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକ ହୋଇ ନ ପାରିବାର କାରଣ କ'ଣ, ସେଗୁଡ଼ିକ କେବେ ଆରମ୍ଭ ହେବ, କେବେ ଶେଷ ହେବ ଏ ନେଇ ପ୍ରଶ୍ନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ରାଜନଗର ନିର୍ବାଚନମଣ୍ଡଳୀରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୦ଟି ରାସ୍ତା ୫୬ କିମି ୫୬୦ ମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ହାତକୁ ନିଆଯିବା ସହ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଛି। ଏଥିସହ ରାସ୍ତା ନିର୍ମାଣ କାମ ଚାଲୁ ରହିଛି। ସେଥିମଧ୍ୟରୁ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଦକ୍ଷିଣଭେଡ଼ା ରାସ୍ତା ଓ ମୁଗକଣି ଆର ଆଣ୍ଡ ବି ରୋଡ୍‌ଠାରୁ ବଧି ଭାୟା ପରିପାଙ୍ଗରା ଗୋଖଣୀ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ରାଜବିଜୟନଗର ଭାୟା ବଳଭଦ୍ରପୁର ରାସ୍ତା, ବଡ଼ପଡ଼ାଠାରୁ ଦେଉଳି ଭାୟା କାଠିଆପଡ଼ା, କଣିପାଳ, ବାଇପାଟଣା, ସାନମୋହନପୁର, ଭୋଇପଡା, ବାଲିପାଟଣା ରାସ୍ତା, ମାଳିପୁରଠାରୁ ବଳଭଦ୍ରପୁର ଭାୟା ରାଘପୁର, ଡାମରପୁର, ବାଲିପାଟଣା, ଖର୍ଦ୍ଧାପାଟଣା, ଛତ୍ରଧାରୀପାଟଣା ରାସ୍ତା, ବଡ଼ଓଲରାଠାରୁ ଭଗବାନପୁର ଭାୟା ସାନଓଲରା, ବାଘମାରୀଠାରୁ ଅହିରାଜପୁର ଭାୟା ଅମରାବତୀ, ଗିରିଆପାହି, ଦେଉଳସାହି, ଅନନ୍ତକେଶରୀ ରାସ୍ତା, ବେଲପାଳ ଆରଡି ରୋଡଠାରୁ ବେଲପାଳ ବାସୁଳେଇ ରୋଡ, କେରୁଆଁପାଳ ଲୁଣାବନ୍ଧ ମନୋରଞ୍ଜନ ମଣ୍ଡଳଙ୍କ ଘରଠାରୁ ଲକ୍ଷ୍ମୀକାନ୍ତ ମଣ୍ଡଳ ଘର ଯାଏ ରାସ୍ତା, ବିଳିକଣାଠାରୁ ବାଲିଆପଲ୍ଲୀ ଭାୟା ସାତକୁଡିଆ ରାସ୍ତା ଜମିଜମା ସମସ୍ୟା ଥିବାରୁ ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି। ଏହି ସମସ୍ୟାକୁ ସମାଧାନ କରାଯାଇ ରାସ୍ତାଗୁଡ଼ିକ ନିର୍ମାଣ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ନାୟକ କହିଛନ୍ତି। ଏଥିସହ ୨୦୨୪-୨୫ ଆର୍ଥିକ ବର୍ଷରେ ନୂତନ ରାସ୍ତାର ପ୍ରସ୍ତାବ ହସ୍ତଗତ ହୋଇଛି। ଯୋଜନାର ନିୟମାବଳୀ ଅନୁଯାୟୀ ଯାଞ୍ଚ କରାଯାଇ ସରକାରଙ୍କ ଅନୁମୋଦନ କ୍ରମେ ଟେଣ୍ଡର ମାଧ୍ୟମରେ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ନାୟକ ଉତ୍ତର ରଖିଛନ୍ତି।

# ଅଭିରାମ ସେବାଶ୍ରମରେ ଭାଗବତ ପାରାୟଣ

ରାଜନଗର, ୨୬।୧୧
(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଭାଗବତ ପାରାୟଣ ୨୮ ତାରିଖରେ ଶେଷ ହେବ। ମଙ୍ଗଳବାର ସେବାଶ୍ରମରେ ବଳିଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କରମଳା ଶାନ୍ତିଧାମର ବାବାଜୀ ନୀଳମଣି ଦାସ, ବାବାଜୀ ଶ୍ରୀନାଥ ଦାସ, ପାରାୟଣର ବ୍ୟାସ ପଣ୍ଡିତ ପ୍ରଫୁଲ୍ଲ କଣ୍ଠ, ରାଜନଗର ବ୍ରାହ୍ମଣ ସମିତିର ବ୍ରାହ୍ମଣ ମଣ୍ଡଳୀ ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡା, ଉପସଭାପତି ଅଭିରାମ ମହାନ୍ତି, ସମ୍ପାଦକ ଗୋଲେଖ ବିହାରୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ୨ କୋଠରିରେ ଚାଲିଛି ୫ ଶ୍ରେଣୀ

ଆଳି, ୨୬।୧୧
(ବନମାଳୀ ସେନାପତି)

ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ କରିବା ଲାଗି ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଅବ୍ୟବସ୍ଥା ଘେରରେ ରହିଛି ୧୦୮ବର୍ଷର ବିଦ୍ୟାଳୟ। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଥିବାବେଳେ ଶ୍ରେଣୀଗୃହ ନ ଥିବାରୁ ପାଠ ପଢ଼ାରେ ଅସୁବିଧା ସୃଷ୍ଟି ହେଉଛି। ଏଭଳି ଦେଖିବାକୁ ମିଳିଛି ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ କଳାପାହାଡ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ। ଏହି ବିଦ୍ୟାଳୟରେ ଏବେ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ୧୯୧୬ରେ କଳାପାହାଡ଼ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠା ସମୟରେ ଥିବା ଆଜବେଷ୍ଟସ ଘରଟି ଏବେ ସମ୍ପୂର୍ଣ୍ଣ ଭାବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଘରର ଆଜବେଷ୍ଟସ ଫୁଟି କଣା ହୋଇ ଯାଇଥିବା ବେଳେ ଘରର କାନ୍ଥ ଫାଟି ଆଁ କରିଛି। କବାଟ ଝରକା ଭାଙ୍ଗିରୁଜି ଯାଇଥିବା ବେଳେ ସେଠାରେ ଜୀବନକୁ ପାଣି ଛଡାଇ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଅପରପକ୍ଷରେ ପ୍ରାୟ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ ନୂତନ ଗୃହ ନିର୍ମାଣ କରାଯାଇଥିଲା। ସେହି ଗୃହ ମଧ୍ୟରେ ୫ଟି ଶ୍ରେଣୀର ପିଲାଙ୍କୁ ପାଠ ପଢାଇବା କଷ୍ଟକର ବ୍ୟାପାର ହୋଇ ପଡ଼ିଛି। ଏହି ବିଦ୍ୟାଳୟରେ ଏବେ ମୋଟ ୧୦୨ଜଣ


ଦୁଇ ଶ୍ରେଣୀର ପିଲାଙ୍କୁ ଗୋଟିଏ ଗୃହରେ ପାଠ ପଢ଼ାଯାଉଛି।

**ଅବ୍ୟବସ୍ଥା ଘେରରେ ୧୦୮ ବର୍ଷର କଳାପାହାଡ଼ ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ**

ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ୪ଜଣ ଶିକ୍ଷକ ଅଛନ୍ତି। ପ୍ରଥମ ଶ୍ରେଣୀର ୧୭, ଦ୍ୱିତୀୟ ଶ୍ରେଣୀର ୧୮ ଓ ତୃତୀୟ ଶ୍ରେଣୀର ୩୦ ଜଣ ପିଲା ଗୋଟିଏ ଶ୍ରେଣୀଗୃହରେ ପାଠ ପଢୁଥିବା ବେଳେ ଅନ୍ୟ ଏକ ଗୃହରେ ଚତୁର୍ଥ ଶ୍ରେଣୀର ୨୨ ଓ ପଞ୍ଚମ ଶ୍ରେଣୀର ୧୫ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଗୋଟିଏ ଶ୍ରେଣୀ ଗୃହର ୨ପାଶ୍ୱରେ ଦୁଇଟି କଳାପଟାରେ ୨ ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଗୋଟିଏ ଶ୍ରେଣୀରେ ୨ଟି ଶ୍ରେଣୀର ପିଲା ପାଠ ପଢ଼ା ଦ୍ୱାରା ଠିକ୍ ଭାବେ ବୁଝି ପାରୁ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏଥିସହ ଅନ୍ୟ ୨ଟି ମଧ୍ୟରୁ ଗୋଟିଏ ଘରେ ଅଙ୍ଗନୱାଡି ଚାଲିଥିବାବେଳେ ଅନ୍ୟ ଘରେ ବିଦ୍ୟାଳୟ କାର୍ଯ୍ୟାଳୟ ଚାଲିଛି। ଶ୍ରେଣୀଗୃହରେ ଲାଗି ପ୍ରଧାନ ଶିକ୍ଷକ ଆଳି ବିଇଓଙ୍କୁ ଅବଗତ କରିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଆଳି ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ବିଦ୍ୟାଳୟକୁ ନୂତନ ଗୃହ ଯୋଗାଇ ଦେବାକୁ ମୁରସିଦ ଖାନ, ଅବଦୁଲ ମାତିନ, ନବାବ ଉଦ୍ଦିନ ଖାନ, ସେକ ମୁସ୍ତାଫିଜ, ଆଖଲାଖ ଉଦ୍ଦିନ ଖାନ, ସମ୍ମିଉଲ୍ଲା ଖାନ, ଅବଦୁଲ ସମିମ, ସେକ ସମିଉଲ୍ଲା, ସେକ ଫଜ୍ଜୁ, ସେକ ରାଜୁ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଅଷ୍ଟଶମ୍ଭୁ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ




ରାଜନଗର, ୨୬।୧୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଚନ୍ଦ୍ରଶିଖରସ୍ଥିତ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ୭୫ତମ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ରାଜକିଶୋର ପାଣି ବେଦପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଭାରତୀୟ ସମ୍ବିଧାନର ଗୁରୁତ୍ୱ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିବା ସହ ସମ୍ବିଧାନକୁ ସମ୍ମାନ ପ୍ରଦର୍ଶନ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଦୀପ କୁମାର ପାଲ, ସତୀଶ ଚନ୍ଦ୍ର ମହାପାତ୍ର, ବୈକୁଣ୍ଠ ବିହାରୀ ବଳ, ପ୍ରଫୁଲ୍ଲ କୁମାର ପ୍ରଧାନ, ବିଶ୍ୱମ୍ଭର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଭାରତୀୟ ସମ୍ବିଧାନ ଉପରେ ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରାଉତ, ନାରାୟଣ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗ୍ରାମର ଧାନ ଫସଲ ନଷ୍ଟ

ଶେରଗଡ଼,୨୬।୧୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକର କରଡାକଣା ପଞ୍ଚାୟତର ୬ଟି ଗ୍ରାମ ଗର୍ବଗଣ୍ଡା, ବାଦୁଆ, ଖୋଲ, ରଢ଼େଇଶ, ଅରଖପଦା ଓ ଜାମଖୋଳାରେ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହେବାକୁ ବସିଛି। ଗ୍ରାମଗୁଡ଼ିକ ପାହାଡ଼ ପାଦ ଦେଶରେ ଅବସ୍ଥିତ। ଗ୍ରାମର ଚାଷଜମିକୁ ଜଳସେଚନ ସୁବିଧା ନାହିଁ। ଚଳିତବର୍ଷ କମ୍ ବର୍ଷା ଓ ଜଳସେଚନ ଅଭାବ ହେତୁ ଧାନ ଫସଲ ପ୍ରଭାବିତ ହୋଇଛି। ଜମିଗୁଡ଼ିକ ଶୁଖି ଫାଟି ଗଲାଣି। ଧାନ ଗଛ ଶୁଖି ମରିଯିବାକୁ ବସିଲାଣି। ରାଜସ୍ୱ ବିଭାଗ, କୃଷି ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ଚାଷୀ ଦାବି କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

ପାତ୍ରପୁର,୨୬।୧୧
(ଉମା ଚରଣ ନେପାକ)

ସୁରଙ୍ଗି ଫାଣ୍ଡିଠାରୁ ବାଘଲଟି ଯିବା ରାସ୍ତାରେ ମଙ୍ଗଳବାର ଟ୍ରାକ୍ଟର ଧକ୍କାରେ ଜଣେ ମୋପେଡ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମନ୍ଦରଡ଼ା ପଞ୍ଚାୟତ ତିନିଘରିଆ ଗ୍ରାମର ଦୁର୍ଲଭ ସେଠୀ (୬୩)। ଦୁର୍ଲଭ ଦୋକାନ ସାମଗ୍ରୀ ପାଇଁ ଖାରିଆଗୁଡ଼ା ଆସୁଥିବା ବେଳେ ଏକ ପଥର ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ମାରକପତ୍ର ପ୍ରଦାନ

ଆସିକା,୨୬।୧୧(ସୁରେନ୍ଦ୍ର ନାଥ ସାହୁ):

ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କ ବିଭିନ୍ନ ଦାବି ନେଇ ମଙ୍ଗଳବାର ଆସିକା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସା ସୁବିଧା ଦେବା, ପୁରୁଣା ପେନସନ ପୁନଃଲାଗୁ କରିବା, କୋଭିଡ ସମୟରେ ବାକି ଥିବା ବକେୟାର ଡି.ଆର. ଦେବା, ଟ୍ରେନ୍‌ରେ ଯାତ୍ରା ବେଳେ ବରିଷ୍ଠ ନାଗରିକଙ୍କୁ ପୂର୍ବରୁ ମିଳୁଥିବା ରିହାତିର ପୁନଃ ପ୍ରଚଳନ କରିବା ଆଦି ଦାବି ରହିଛି । ଡି. ମୋହନରାଓ, ଏ.ଏସ.ଏନ. ଗୁପ୍ତା, ଗୁରୁମୂର୍ତ୍ତି ପାତ୍ର, ରାମାନନ୍ଦ ଚୌଧୁରୀ, ସତ୍ୟନାରାୟଣ ପଟ୍ଟନାୟକ, ସନ୍ତୋଷ ସାହୁ, ଅମୀୟ ଚରଣ ସାବତ, ରହିମ ଖାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସର୍ବଭାରତୀୟ ସେଲ୍ଫ ଡିଫେନ୍ସ ବ୍ଲାକ୍‌ବେଲ୍ଟ ପ୍ରତିଯୋଗିତା

### ଗୌରବ ଆଣିଲେ ଗଞ୍ଜାମର ସନ୍ତୋଷ

ଗଞ୍ଜାମ,୨୬।୧୧(ବିଦ୍ୟାଧର ସାହୁ)–

ନିଜୁ ମୁମ୍ବାଇସ୍ଥିତ ଖାର୍ଗରଠାରେ ସର୍ବଭାରତୀୟ ସ୍ତରରେ ସେଲ୍ଫ ଡିଫେନ୍ସ ବ୍ଲାକ ବେଲ୍ଟ ପ୍ରତିଯୋଗିତାରେ ପ୍ରଥମ ଓଡ଼ିଆ ଭାବେ ପ୍ରଥମ ରାଉଣ୍ଡରେ କୃତିତ୍ୱ ହାସଲ କରିଛନ୍ତି ଓଡ଼ିଶାର ଗଞ୍ଜାମ ଜିଲାର ଗଞ୍ଜାମ ବ୍ଲକ ଅଧୀନ ଖଣ୍ଡଦେଉଳି ଗ୍ରାମର ସନ୍ତୋଷ ମହାପାତ୍ର। ସନ୍ତୋଷ ଜଣେ ସାମାଜିକ କର୍ମୀ ଭାବେ ପରିଚିତ ଥିବା ବେଳେ ସେ ମଧ ଭାଜପାର ଓବିସି ମୋର୍ଚ୍ଚା କୋଷାଧକ୍ଷ ଅଛନ୍ତି। ଏହି ଖବର ପ୍ରଚାର ହେବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ଭୁବନେଶ୍ୱରର ଜାପାନ କରାଟେ ଆସୋସିଏଶନର ସେ ରାଜ୍ୟ ମୁଖ୍ୟ ଭାବେ ରହିଛନ୍ତି। ସେ ପ୍ରଶିକ୍ଷଣ ଦେଇ ଅନେକ ଛାତ୍ର ସୃଷ୍ଟି କରିପାରିଛନ୍ତି।

# ସମ୍ବିଧାନ ଦିବସ ସମାରୋହ





ମହିଳା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ ସମ୍ବିଧାନ ଦିବସରେ ଶପଥ ଗ୍ରହଣ କରୁଛନ୍ତି ।

ଖଣ୍ଡପଡ଼ା,୨୬।୧୧
(ଅଜୟ କୁମାର ମହାରଣା):

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ୧୯୪୯ ନଭେମ୍ବର ୨୬ରେ ଆତ୍ମ ପ୍ରକାଶ କରିଥିବା ଭାରତୀୟ ସମ୍ବିଧାନ ୨୦୨୪ରେ ୭୫ ବର୍ଷରେ ପଦାର୍ପଣ କରିଛି । ୨୦୧୫ରୁ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ରୁପେ ପାଳନ କରିବା ପାଇଁ ସରକାର ସ୍ଥିର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବିଧାନର ପ୍ରସ୍ତାବନା ଓ ମୌଳିକ କର୍ତ୍ତବ୍ୟ ପାଠ ପୂର୍ବକ ସଂକଳ୍ପ ଗ୍ରହଣ କରାଯାଇଥିଲା । ଅଧ୍ୟାପିକା ଓ ଅଧ୍ୟାପକମାନେ ଛାତ୍ରୀମାନଙ୍କୁ ସମ୍ବିଧାନ ପ୍ରଣୟନର ପୃଷ୍ଠଭୂମି ଓ କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀ ଓ ଅଧ୍ୟାପିକା, ଅଧ୍ୟାପକମାନେ ସମ୍ବିଧାନ ଦିବସ ଅବସରରେ ଶପଥ ପାଠ କରିଥିଲେ । କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୁକ୍ତ ୨ ବିଭାଗ ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ପୌରୋହିତ୍ୟ କରିଥିଲେ । ଅଧ୍ୟାପିକା ବିଶ୍ୱଭାରତୀ ମହାରଣା କାର୍ଯ୍ୟକ୍ରମ ସମ୍ପର୍କୀତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିରଞ୍ଚି ମହାରଣା ଧନ୍ୟବାଦ ପ୍ରଦାନ କରିଥିଲେ । ଅଧ୍ୟାପିକା ତୃପ୍ତିପ୍ରିୟା ସେଠୀ, ନିବେଦିତା ପଟ୍ଟନାୟକ, ଜାହ୍ନବୀ ପଟ୍ଟନାୟକ, ନିରୁପମା ପ୍ରଧାନ ଓ ଝରଣା ସ୍ୱାଇଁ ଉପରୋକ୍ତ ପ୍ରତିଯୋଗୀତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ସେହିପରି ଖଣ୍ଡପଡ଼ା ପଠାଣିସାମନ୍ତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବଳରାମ ସାହୁ ମୁଖ୍ୟ ଅତିଥି ରୁପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଗୋପବନ୍ଧୁ ଚୌଧୁରୀ, ସମ୍ମାନୀତ ଅତିଥି ଭାବେ ସଂସ୍କୃତ ବିଭାଗର ମୁଖ୍ୟ ରବିନ୍ଦ୍ର କୁମାର ଦାଶ ଓ ଇଂଲିଶ ବିଭାଗ ମୁଖ୍ୟ ଭାଗିରଥି ମହାରଣା ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ରବିନାରାୟଣ ସାହୁ ଆୟୋଜିତ ପାଠ୍ୟଚକ୍ରକୁ ସଂଯୋଜନା କରିଥିଲେ। ବିଭାଗୀୟ ଅଧ୍ୟାପକ ମାନସ କୁମାର ସାହୁ, ଚିତ୍ତରଞ୍ଜନ ସ୍ୱାଇଁ, ଅଧ୍ୟାପିକା ନମିତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବିଧାନର ମୂଲ୍ୟବୋଧ ସମ୍ପର୍କିତ ବକ୍ତୃତା ପ୍ରତିଯୋଗୀତାରେ ଅନୁଷ୍ଠାନର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ତର୍କ, ରଚନା ଓ ସାଧାରଣଜ୍ଞାନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଛତ୍ରପୁର,୨୬।୧୧
(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)

ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକର ଆହ୍ୱାନକ୍ରମେ ସଂଯୁକ୍ତ କିଷାନ ମୋର୍ଚ୍ଚା ଗଞ୍ଜାମ ଜିଲା କମିଟି ଏବଂ ବିଭିନ୍ନ ଶ୍ରମିକ ଓ କୃଷକ ସଂଗଠନ ପକ୍ଷରୁ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୪ଟି ଶ୍ରମ କୋଡ଼ ପ୍ରତ୍ୟାହାର ଏବଂ ଅସଂଗଠିତ କ୍ଷେତ୍ରର ସବୁ ଶ୍ରମିକଙ୍କୁ ପେନସନ ସମେତ ସାମଗ୍ରୀକ ସାମାଜିକ ସୁରକ୍ଷା ପ୍ରଦାନ କରିବା, ଶିଳ୍ପାୟନ ଓ ଖଣି ଖନନ ଫଳରେ ଚାଷ ଜମି ଓ ଜଙ୍ଗଲ ର ହେଉଥିବା ଅବକ୍ଷୟ ତଥା ପରିବେଶ ପ୍ରଦୂଷଣ କୁ ରୋକିବାକୁ ଦୃଢ଼ ପଦକ୍ଷେପ ନିଆଯାଉ, ସବୁ ଚାଷ ଜମିକୁ ଜଳ ସେଚନର ସୁବିଧା କରିବା ଆଦି ୨୦ଦଫା ଦାବି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ପ୍ରାରମ୍ଭରେ କୃଷକ ଓ ଶ୍ରମିକ ମାନେ ସ୍ଥାନୀୟ ନୂତନ ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଆଇଏଫଟିୟୁର ସଭାପତି ପ୍ରତାପ ପ୍ରଧାନ, ଏଆଇକେଏମଏସର ସମ୍ପାଦକ ପ୍ରତାପ କୁମାର ନାୟକ, ସନ୍ତୋଷ ନାୟକ, ନାରାୟଣ ବିଷୋୟୀ, ରାଜେନ୍ଦ୍ର ନାଇକ, ରାମ ଚନ୍ଦ୍ର ନାୟକ, ଅର୍ଜୁନ ନାୟକଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ଉପସ୍ଥିତ ଥିଲେ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପରେ ଧାରଣା ପ୍ରତ୍ୟାହୃତ

ନୂଆଗାଁ,୨୬।୧୧(ଧନେଶ୍ୱର ସାହୁ):

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ଶିମିଳିସାହିଠାରେ ଥିବା ଜାକେଡା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବି କରି ଜାକେଡାବାସୀ ସୋମବାରଠାରୁ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶ ବାହାରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତ ଶିମିଳିସାହିଠାରେ ଥିବା ଜାକେଡା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ତ୍ରିପାଠୀ ନାନା ବାହାନା ଦେଖାଇ ଛାତ୍ରୀଛାତ୍ରଙ୍କଠାରୁ ଅର୍ଥ ଆଦାୟ କରୁଥିଲେ । ଚଞ୍ଚକତା କରି ନିଜ ସ୍ୱାମୀଙ୍କୁ ସ୍କୁଲରେ କିରାଣି ପଦବୀରେ ନିଯୁକ୍ତି ଦେଇଛନ୍ତି । ସେହିପରି ହିନ୍ଦୀ ଶିକ୍ଷକ ନିଯୁକ୍ତିରେ ମଧ୍ୟ ଅନିୟମିତତା କରିଛନ୍ତି । ସରକାର ଦେଉଥିବା ଷ୍ଟାଇପେଣ୍ଟ ଟଙ୍କା ଓ ଟିଉଶନ ଫିକୁ ଛାତ୍ରୀଛାତ୍ରଙ୍କୁ ନ ଦେଇ ନିଜେ ହଡପ କରୁଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଅଭିଭାବକମାନେ ଅଭିଯୋଗ କରିବାକୁ ସ୍କୁଲକୁ ଗଲେ ନାନା ଧମକ ଦେଇ ସ୍କୁଲ ଫାଟକ ବନ୍ଦ କରି ଦେଉଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କ ନାମରେ ଏପରି ଅନେକ ଅଭିଯୋଗ ଆଣି ସ୍ଥାନୀୟ ଲୋକେ ନୂଆଗାଁ ବିଇଓ , ନୟାଗଡ଼ ଡିଇଓଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ସୋମବାର ସକାଳ ୧୦ଟାରେ ସ୍କୁଲ ଫାଟକରେ ତାଲା ପକାଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ । ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ବିଇଓ ଭକ୍ତ ବିନୋଦ ସଲ ,ଡିଏସ୍ଏସ୍ ଶରତ କୁମାର ସାହୁ ପ୍ରମୁଖ ଅନଶନକାରୀଙ୍କୁ ବହୁ ବୁଝାଶୁଝା କରିଥିଲେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ନ କରିବା ଯାଏ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ୍ ଧରିଥିଲେ । ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପାଠୀଙ୍କୁ ସମ୍ପଡା ଚିନ୍ତାମଣୀ ବିଦ୍ୟାପୀଠକୁ ବଦଳି କରି ସିଦ୍ଧାର୍ଥ କୁମାର ସାମନ୍ତରାୟଙ୍କୁ ଉକ୍ତ ସ୍କୁଲର ଦାୟିତ୍ୱ ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।



ପ୍ରଶାସନିକ ଅଧିକାରୀମାନେ ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରୁଛନ୍ତି ।

## କୁସଂସ୍କାର ବିରୋଧରେ ଲଢ଼େଇ କରୁଥିବା ବସ୍ତିନାଙ୍କ ଦେହାନ୍ତ

ଦାରିଙ୍ଗବାଡ଼ି,୨୬।୧୧ (ଅରୁଣ ସାହୁ )

ଦାରିଙ୍ଗବାଡ଼ି ବ୍ଲକ ଦାସିଙ୍ଗବାଡ଼ି ଗ୍ରାମର ବସ୍ତିନା ସିଂଙ୍କ ମଙ୍ଗଳବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ସେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ତାଙ୍କ ପୁଅ କହିଛନ୍ତି। ରବିବାର ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଦାରିଙ୍ଗବାଡ଼ି ପରେ ବ୍ରହ୍ମପୁର ଓ ଶେଷରେ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ସେ ପ୍ରଥମେ ୯୦ଦଶକରେ ଏହି କୁସଂସ୍କାର ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ଅଞ୍ଚଳରେ ସଚେତନତା ଅଭାବ ଯୋଗୁ ଅନେକ ଘରେ ପୁରୁଷମାନେ ମଦପିଇ ମହିଳାଙ୍କୁ ନିର୍ଯ୍ୟାତନା ଦେବା ସହ ପରିବାରର ଆର୍ଥିକମାନଦଣ୍ଡ ଭୁଶୁଡ଼ି ପଡୁଥିଲା। ସେହିପରି ଘରେ ଥିବା ପିଲାଙ୍କୁ ସ୍କୁଲ ପଠାଉ ନ ଥିଲେ କମ୍ ବୟସରୁ କିଶୋରୀକିଶୋରଙ୍କୁ ବିବାହ କରେଇ ଦେଉଥିଲେ। ଏସବୁକୁ ବସ୍ତିନା ଦେଖି ସହିପାରୁ ନ ଥିଲେ। ସେ ଭୋଗିଥିବା କଷ୍ଟ ଯେମିତି ଆଉ କେହି ନ ଭୋଗନ୍ତୁ ସେଥିପାଇଁ ସେ ସମାଜ ସେବା ଆରମ୍ଭ କରିବା ସହ କୁସଂସ୍କାର ଦୂର କରିବାକୁ ଅଣ୍ଟା ଭିଡ଼ିଲେ। ମଦ ବିକ୍ରିର କେନ୍ଦ୍ରବିନ୍ଦୁ ନିଜ ଗାଁ ଦାସିଙ୍ଗବାଡ଼ି ଗ୍ରାମର ମହିଳା ମାନଙ୍କୁ ସଂଗଠିତ କରି ଆନ୍ଦୋଳନ ତୀବ୍ରତର କରିଥିଲେ। ଏଥିପାଇଁ ତାଙ୍କୁ ନିଜ ସମ୍ପ୍ରଦାୟର ଲୋକଙ୍କ ସହ ବିରୋଧର ସାମ୍ନା କରିବାକୁ ପଡିଲା। ୧୯୯୫ରେ ମଦମୁକ୍ତ ଗ୍ରାମପଞ୍ଚାୟତ ଭାବରେ ଦାସିଙ୍ଗବାଡ଼ିକୁ ଗାନ୍ଧୀ ପୁରସ୍କାର ମିଳିଥିଲା। ବସ୍ତିନାଙ୍କ ବିୟୋଗରେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟଙ୍କ ସମେତ ଅଞ୍ଚଳବାସୀ ଦୁଃଖ ପ୍ରକାଶ କରିଛନ୍ତି। ଗୁରୁବାର ବସ୍ତିନାଙ୍କ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ପୁଅ ସଦାନନ୍ଦ ସିଂ କହିଛନ୍ତି।



ବସ୍ତିନା ସିଂ

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକ ସଚେତନତା କର୍ମଶାଳା

ଭଞ୍ଜନଗର,୨୬।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ବିଡେକା ସମ୍ମିଳନୀ କକ୍ଷରେ ସାଇବର ସିକ୍ୟୁରିଟି ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ଦେଶରେ ଦିନକୁଦିନ ଅନ୍‌ଲାଇନ ମାଧ୍ୟମରେ ଠକେଇ ବଢୁଛି। ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ବଢ଼ିଲେ ଅନ୍‌ଲାଇନ ଠକେଇକୁ ରୋକିହେବ। ଅପରିଚିତ ଲୋକଙ୍କୁ କେବେ ମଧ ଓଟିପି, ଆଧାର ନମ୍ବର ନ ଦେବା, କୌଣସି ଆପ୍ ଡାଉନଲୋଡ କରିବା ପୂର୍ବରୁ ଭାବି ଚିନ୍ତି ଡାଉନଲୋଡ କରିବା, ଯଦି ଠକେଇର ଶିକାର ହେଲେ ତୁରନ୍ତ ବ୍ୟାଙ୍କର ହେଲ୍ପଲାଇନ ନମ୍ବର ୧୮୦୦୧୨୩୪କୁ ଫୋନ କରି ଜଣାଇଲେ ସମସ୍ୟା ସମାଧାନ ହୋଇପାରିବ। ଏଥିସହ ୧୯୩୦ ନମ୍ବରରେ ମଧ ଗ୍ରାହକମାନେ ଅଭିଯୋଗ କରିପାରିବେ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ପରିଚାଳିକା (ଆର୍‌ଏମ୍) ଜ୍ୟୋତ୍ସ୍ନାରାଣୀ ମହାରଣା କହିଛନ୍ତି। ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଜିତେନ୍ଦ୍ର ପଣ୍ଡା , ବିଶ୍ୱପ୍ରିୟ ବେହେରା, ଅଚ୍ୟୁତମ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏଥିସହ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କୁ ସହଜରେ ମିଳୁଥିବା ବିଭିନ୍ନ ସୁବିଧା ସମ୍ପର୍କରେ ବୁଝାଇଥିଲେ।




ଆରଏମ୍ ଜ୍ୟୋତ୍ସ୍ନାରାଣୀ ମହାରଣା ସୂଚନା ଦେଉଛନ୍ତି ।

# ସମ୍ବିଧାନ ଦିବସରେ ଆଇନ ପାଠ ପଢ଼ିଲେ ଶ୍ରମିକ

ଛତ୍ରପୁର,୨୬।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ସ୍ଥାନୀୟ କଣମଣା ବାତ୍ୟା ଆଶ୍ରୟସ୍ଥଳରେ ବିଭିନ୍ନ କଳ କାରଖାନାରେ କାର୍ଯ୍ୟରତ ଶତାଧିକ ଶ୍ରମିକଙ୍କ ଉପସ୍ଥିତିରେ ସମ୍ବିଧାନ ଦିବସ ଆଇନଜୀବୀ ଦୀପକ ପଟ୍ଟନାୟକଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଡେପୁଟି ମୁଖ୍ୟ ଆଇନ ସହାୟତା ପରାମର୍ଶଦାତା କମଳ ଲୋଚନ ଦାସ, ଓକିଲ ପି ଧର୍ମା ରେଡ୍ଡୀ, ମୋହନ ରେଡ୍ଡୀ, ଛତ୍ରପୁର ଓକିଲ ସଂଘ ଉପସଭାପତି ଚୈତନ୍ୟ ପ୍ରଧାନ, ଛତ୍ରପୁର ଏସଡ଼ିଜେଏମ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର, ସମାଜିକ କର୍ମୀ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଙ୍କ ପାଇଁ ସମ୍ବିଧାନରେ ରହିଥିବା ବିଭିନ୍ନ ଆଇନ ତଥା ମୌଳିକ ଅଧିକାର ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଡାକରା 'ହମାରା ସମ୍ବିଧାନ ହମାରା ସ୍ୱାଭିମାନ'କୁ ନେଇ ଶ୍ରମିକମାନଙ୍କ ସ୍ୱାଭିମାନ କଥା ଉପରେ ବିସ୍ତୃତ ଚର୍ଚ୍ଚା କରିଥିଲେ। ଶେଷରେ କଣମଣା ଗ୍ରାମର ବି. ସୀମାଦ୍ରୀ ସମସ୍ତଙ୍କୁ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜୁ ପ୍ରଧାନ, ଏସ ନାରାୟଣ, ମନୋରଞ୍ଜନ ବେହେରା, ସନାତନ ମହାରଣା, ଅଯୋଧ୍ୟା ପରିଡ଼ା, ବିରୂପାକ୍ଷ ଦାସ, ସନ୍ତୋଷ ସାହୁ, କେ ଶ୍ରୀନିବାସୁଲୁ ସୱାମୀ, ସୁଧାକର ମହାରଣା, ବି କେସୁଲୁ ସୱାମୀ, ହେମନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ମାଣ୍ଡିପଙ୍କାବାସୀଙ୍କୁ କୁକୁଡ଼ା ଛିଆଁ ବଣ୍ଟନ

ଦାରିଙ୍ଗବାଡ଼ି, ୨୬।୧୧ (ଅରୁଣ ସାହୁ)

ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କାବାସୀଙ୍କୁ ସ୍ୱାବଲମ୍ବୀ କରିବାକୁ ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ବିଡିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ଦାରିଙ୍ଗବାଡ଼ି ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ନୀହାର ରଞ୍ଜନ ମିଶ୍ର ମାଣ୍ଡିପଙ୍କାରେ ପହଞ୍ଚି କୁକୁଡ଼ା ଛୁଆ ବଣ୍ଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୭ ପରିବାରକୁ ବଣ୍ଟନ କରାଯାଇଥିବା ବିଡିଓ କହିଛନ୍ତି। ଏହି କୁକୁଡ଼ା ପାଳନ ଦ୍ୱାରା ସେମାନଙ୍କ ଜରୁରିକାଳୀନ ସମୟରେ ବିକ୍ରିବଟା କରି ପରିବାର ପ୍ରତିପୋଷଣ କରିପାରିବେ, ଏଥିସହ ଉକ୍ତ କୁକୁଡ଼ା ଚାଷରୁ ୪୫ରୁ ସଂଖ୍ୟା ବୃଦ୍ଧି ହୋଇପାରିବ ବୋଲି କୁହାଯାଇଛି । ସୂଚନାଯୋଗ୍ୟ,

## ଆମ୍ବଟାକୁଆ ଜାଉ ଖାଇ ମୃତ ଅଞ୍ଚଳରେ ସହାୟତା



ମାଣ୍ଡିପଙ୍କାରେ ଗତ ମାସ ଶେଷ ସମୟରେ ଆମ୍ବଟାକୁଆ ବାସି ଜାଉ ଖାଦ୍ୟ ଖାଇ ଗୁରୁତର ହୋଇଥିଲେ। ଚଳିତ ମାସ ୧ ତାରିଖରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ବ୍ରହ୍ମପୁରରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କଟକ ଏସ୍‌ସିବିକୁ ନିଆଯାଇଥିଲା। ଭୋକ ପାଇଁ ଆମ୍ବଟାକୁଆ ଜାଉ ଖାଇଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ବିଡିଓ, ତହସିଲଦାର, ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରମୁଖ ମାଣ୍ଡିପଙ୍କାରେ ପହଞ୍ଚି ଲୋକଙ୍କ ଜୀବନଜୀବିକା ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରିଛନ୍ତି।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ

ପାରଳାଖେମୁଣ୍ଡି,୨୬।୧୧
(ଗିରିଧାରୀ ପରିଛା)

କେନ୍ଦ୍ରର ମୋଦି ସରକାରଙ୍କ କୃଷକ, ଶ୍ରମିକ ତଥା ଜନବିରୋଧୀ ନୀତି ବିରୋଧରେ ଗଜପତି ଜିଲା ସଂଯୁକ୍ତ କିଶାନ ମୋର୍ଚ୍ଚା ରାସ୍ତାକୁ ଓହ୍ଲାଇଛି। ଦେଶର କୃଷକ ସଙ୍ଗଠନମାନଙ୍କ ସର୍ବଭାରତୀୟ ମଞ୍ଚ, ସଂଯୁକ୍ତ କିଶାନ ମୋର୍ଚ୍ଚା ଓ ସର୍ବଭାରତୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ମଙ୍ଗଳବାର ସାରା ଦେଶର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ ହୋଇଛି। ଏହି ପରିପ୍ରେକ୍ଷୀରେ ଗଜପତିରେ କ୍ଷେତ ମଜଦୁର ସଂଘ ରାଜ୍ୟ ସଭାପତି ଜନା ସୁବାସ ରାଓ ଓ ଆଦିବାସୀ ନେତା ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ ଜିଲାର କିଷାନ ମଜଦୁର ସଂଘ, କେନ୍ଦ୍ରୀୟ ଟ୍ରେଡ ୟୁନିୟନ, କ୍ଷେତ ମଜଦୁର ସଂଘ ତଥା ସ୍ୱାଧୀନ ଫେଡେରେଶନ କୃଷକ ଓ ଶ୍ରମିକ ସଙ୍ଗଠନଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ନୂତନ ବସଷ୍ଟାଣ୍ଡଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପଥପ୍ରାନ୍ତ ସଭା ମାଧ୍ୟମରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ବାସହୀନ ପରିବାରକୁ ଘର, ଚାଷୀଙ୍କ ଉତ୍ପାଦନ ସାମଗ୍ରୀର ଉଚିତ ମୂଲ୍ୟ, ବିଦ୍ୟୁତ୍ ଶୁଳ୍କ କମାଇବା, ପେଟ୍ରୋଲ ଡିଜେଲ ଦର କମାଇବା, ଅତ୍ୟାବଶ୍ୟକ ଦ୍ରବ୍ୟ ଉପରୁ ଜିଏସ୍‌ଟି ଛାଡ଼ କରିବା, ଜଙ୍ଗଲ ଜମି ଆବେଦନକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜାତୀୟ ଖାଦ୍ୟ ନିରାପତ୍ତାକୁ ଅଧିକ ଆବଣ୍ଟନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସର୍ବନିମ୍ନ ୬୦୦ ଟଙ୍କା ମଜୁରି ଦେବା, ୨୦୦ ଦିନର କାମ ପ୍ରଦାନ, ରାଷ୍ଟ୍ରାୟତ୍ତ ସଂସ୍ଥା ତଥା ସରକାରୀ ଅନୁଷ୍ଠାନର ଘରୋଇକରଣ ବନ୍ଦ କରିବା ଆଦି ସେମାନଙ୍କ ଦାବି ରହିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭାରତ ବନ୍ଦ ଡାକରା ଦିଆଯାଇ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଙ୍ଗଠନଗୁଡ଼ିକ ପକ୍ଷରୁ କୁହାଯାଇଛି।




ସଙ୍ଗଠନଗୁଡିକ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ୨୬ ଦଫା ଦାବିରେ ଏଡିଏମ୍ ଅଫିସ ଘେରାଉ

**ଯାଜପୁରରୋଡ୍,୨୬।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ମିଳିତ କେନ୍ଦ୍ରୀୟ ଟ୍ରେଡୟୁନିୟନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ମଙ୍ଗଳବାର ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସିଆଇଟିୟୁ ଯାଜପୁର ଜିଲା କମିଟି ପକ୍ଷରୁ ୨୬ ଦଫା ଦାବିନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ(ଏଡିଏମ୍)ଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସିଆଇଟିୟୁର କର୍ମକର୍ତ୍ତା ଗୋପବନ୍ଧୁ ଛକଠାରୁ ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ପୂର୍ବରୁ ସିଆଟିୟୁ ଜିଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଏମ୍ ଜିଲା ସମ୍ପାଦକ ନିର୍ମଳ ରଥ, ସିଆଇଟିୟୁ ନେତା ସୁରେଶ ସାହୁ, ତ୍ରିଲୋଚନ ରାଉତ, ପାନି କିସ୍କୁ, ସନ୍ତୋଷ ବରାଳ, ପ୍ରମୋଦ ସାହୁ ଓ ମାଳତୀ ହାଁସଦା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଲଗାମହୀନ ଦରବୃଦ୍ଧି ବନ୍ଦ କରିବା, ଖାଦ୍ୟ, ଔଷଧ କୃଷିଜାତ ଦ୍ରବ୍ୟ ଉପରୁ ଜିଏସଟି ପ୍ରତ୍ୟାହାର, କଳିଙ୍ଗନଗର ଶିଳ୍ପାଞ୍ଚଳରେ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ଖାଦ୍ୟ ନିରାପତ୍ତା ଓ ସାର୍ବଜନୀନ ଗଣ ବଣ୍ଟନ ବ୍ୟବସ୍ଥାର ଗ୍ୟାରେଣ୍ଟି କରିବା, ଜାତୀୟ ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା କରିବା, ରାଷ୍ଟ୍ରାୟତ ସଂସ୍ଥା ଓ ସରକାରୀ ବିଭାଗର ଘରୋଇକରଣ ବନ୍ଦ କରିବା, ଏମ୍‌ଜିଏନ୍‌ଆର୍‌ଇଏଜିଏସ୍‌ରେ ଶ୍ରମିକମାନଙ୍କୁ ଦିନକୁ ୬୦୦ଟଙ୍କା ମଜୁରୀ ଓ ବର୍ଷକୁ ୨୦୦ ଦିନର କାମର ଗ୍ୟାରେଣ୍ଟି ଦେବା, ୪ଶ୍ରମ କୋର୍ଡକୁ ପ୍ରତ୍ୟାହାର କରିବା, ନୂତନ ପେନସନ ସ୍କିମ(ଏନ୍‌ପିଏସ) ବାତିଲ କରିବା ଏବଂ ପୁରୁଣା ପେନସନ ସ୍କିମ (ଓପିଏସ) ଲାଗୁ କରିବା ଓ ସମ୍ବିଧାନର ମୌଳିକ ମୂଲ୍ୟବୋଧ ଉପରେ ଆକ୍ରମଣ ବନ୍ଦ କରିବା, ମାସିକ ଭତ୍ତା ୩୫୦୦ ଟଙ୍କା କରିବା ଆଦି ଦାବି ଉପସ୍ଥାପନ କରିଥିଲେ। ଏଥିରେ ରିନା ନାୟକ, କୁନି ସୋରେନ, ଗୁରୁବାରୀ ଲାଗୁରୀ, ଡଲି ନାୟକ ଓ ସୁରେଶ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ସିଆଇଟିୟୁ ଯାଜପୁର ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବୃହନ୍


@ ସର୍ବେଶ୍ୱର


@ ସେହେନ୍ସା


@ ଅମିତ୍


@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

**ଚଣ୍ଡିଖୋଲ,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରିଠାରେ ଉଦୟଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ବର୍ଜ୍ୟବସ୍ତୁ ପରିଚାଳନା ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୯୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ନୂତନ ଗୃହ ସ୍ଥାନୀୟ ୬ ପଞ୍ଚାୟତବାସୀଙ୍କ ବହୁ ଉପକାରରେ ଲାଗିପାରିବ ବୋଲି ବିଧାୟକ କହିଛନ୍ତି। ଭାଜପା ଜୋନ ସଭାପତି ସୀତାନାଥ ବଳସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ସେଠୀ, ସ୍ଥାନୀୟ ମଝିପଡ଼ା ସରପଞ୍ଚ ଶୋଭା ବଜ୍ରକବାଟ, ସମିତିସଭ୍ୟ ଲିଲି ସେଠୀ, ଭାଜପା ଜିଲା ସାଧାରଣ ସମ୍ପାଦିକା ଦେବଯାନୀ ପ୍ରଧାନ, ମଧୁସୂଦନ ଖୁଣ୍ଟିଆ, ବିଘ୍ନେଶ୍ୱର ବଳ ଓ ପ୍ରମୋଦ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ୩ ଦୋଷୀଙ୍କୁ ୭ ବର୍ଷ ଜେଲ

**୨ ନାବାଳକ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ମାମଲା**

**ଯାଜପୁର ଟାଉନ,୨୬।୧୧ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

୨ ନାବାଳକ ଭାଇଙ୍କୁ ଆକ୍ରମଣ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହାୟକ ଦୌରାଜଜ୍ ସର୍ବେଶ୍ୱର ଦାସ ମାମଲାର ବିଚାର କରି ୩ ଦୋଷୀଙ୍କୁ ୭ବର୍ଷ ସଶ୍ରମ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମେ' ୨୨ରେ ବରୀ ଥାନା ଅନ୍ତର୍ଗତ ରଜାପୁର ଗ୍ରାମର ନଳିନୀ କାନ୍ତ ମହାନ୍ତି ଗ୍ରାମଦେବତୀଙ୍କ ଘର ନିର୍ମାଣ ପାଇଁ ଦାନ କରିବା ଉଦ୍ଦେଶ୍ୟରେ ତାଙ୍କ ବାଡ଼ିରୁ ବାଉଁଶ କାଟି ରଖିଥିଲେ। ଏହା ପରଦିନ ଗ୍ରାମର କେତେଜଣ ଲୋକ ଯେତେବେଳେ ବାଉଁଶ ପାଇଁ ଯାଇଛନ୍ତି, ସେହି ସମୟରେ ଧ୍ରୁବଚରଣ ଜେନା (୭୫), ନୃସିଂହ ଚରଣ ଜେନା (୬୮) ଓ ସୁବାସ ଜେନା(୪୨) ସେମାନଙ୍କୁ ଫେରାଇ ଦେଇ ମାଲିକଙ୍କୁ ଡାକିବାକୁ କହିଥିଲେ। ଏପରି କି ମାଲିକ ନ ଆସିଲେ ବାଉଁଶ ଦେବେ ନାହିଁ ବୋଲି କହିଥିଲେ। ବାଧ ହୋଇ ଗାଁ ଲୋକ ନଳିନୀଙ୍କ ଘରକୁ ଯାଇଥିଲେ। ମାତ୍ର ସେ ଘରେ ନ ଥିଲେ। ତାଙ୍କର ୨ ନାବାଳକ ପୁତ୍ର ଘଟଣାସ୍ଥଳକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପୂର୍ବ ଯୋଜନା ମୁତାବକ ୨ ନାବାଳକ ଭାଇଙ୍କୁ ଠେଙ୍ଗା ଓ କଟୁରୀରେ ଆକ୍ରମଣ କରି ରକ୍ତାକ୍ତ କରିଥିଲେ। ଫଳରେ ସେମାନେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ଲୋକେ ସେମାନଙ୍କୁ ଉଦ୍ଧାର କରି କଟକ ବଡମେଡିକାଲକୁ ପଠାଇଥିଲେ। ସ୍ଥାନୀୟ ସରପଞ୍ଚ ଘଟଣାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ତାହା ନ ହେବାରୁ ୨ଦିନ ପରେ ନାବାଳକଙ୍କ ବାପା ବରୀ–ରାମଚନ୍ଦ୍ରପୁର ଥାନାରେ ଲିଖିତ ଏତଲା ଦାଏର କରିଥିଲେ। ପୋଲିସ ନଂ.୮୯/୧୫ରେ ଏକ ମାମଲା ରୁଜୁ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୧ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ବିରଜା ପ୍ରସାଦ ପରିଡ଼ା ପରିଚାଳନା କରୁଥିଲେ।


ଗ୍ଲୋରିୟସ ସିନିୟର ସେକେଣ୍ଡାରି ସ୍କୁଲରେ ସମ୍ବିଧାନ ଦିବସରେ ସାମିଲ ଛାତ୍ରଛାତ୍ରୀ।

## ଗ୍ଲୋରିୟସ ସିନିୟର ସେକେଣ୍ଡାରି ସ୍କୁଲରେ ସମ୍ବିଧାନ ଦିବସ

**ଯାଜପୁରରୋଡ୍,୨୬।୧୧(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ଗ୍ଲୋରିୟସ ଇଂଲିଶ ମିଡିୟମ ସିନିୟର୍ ସେକେଣ୍ଡାରି ସ୍କୁଲରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସମ୍ବିଧାନ ପ୍ରତିଷ୍ଠା ବିଷୟରେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

**ଯାଜପୁରରୋଡ୍,୨୬।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌରପରିଷଦ ଅଧୀନ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଧ୍ୟାପିକା ରୋଜାଲିନା ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥିଭାବେ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ତାରିଣୀତନୟା ସର, ଝୁନୁମଣୀ ଜେନା, ସୁଚିସ୍ମିତା ବେହେରା ଓ ଅଧ୍ୟାପକ ଅରୁଣ କୁମାର ମିଶ୍ର ଯୋଗଦେଇ ସମ୍ବିଧାନର ମୂଲ୍ୟବୋଧ, ପ୍ରକୃତିଏବଂ ଲକ୍ଷ୍ୟ ବିଷୟରେ ଆଲୋକପାତ କରିବା ସହିତ ସମ୍ବିଧାନର ବିଭିନ୍ନ ଧାରା ଓ ଉପଧାରା ଉପରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଯାଜ୍ଞେଶରୀ ପଲେଇଙ୍କ ସଂଚାଳନରେ ଛାତ୍ରୀମାନଙ୍କ ମଧ୍ୟରେ ସମ୍ବିଧାନ ସମ୍ପର୍କିତ ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ସମୂହ ଉପସ୍ଥିତ ରହି ସମ୍ବିଧାନର ପ୍ରସ୍ତାବନା ପଠନରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ମୋନାଲିସା ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ପଙ୍କଜିନୀ ପାଣିଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯଶଇଛି। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବାଇକ୍ ଜବତ, ଯୁବକ ଗିରଫ

**ଚଣ୍ଡିଖୋଲ,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ପରିବା ମାର୍କେଟରୁ ଚୋରି ହୋଇଥିବା ଏକ ବାଇକ୍‌କୁ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଆଶିଷ କୁମାର ବଳବନ୍ତରାୟ ମଙ୍ଗଳବାର ଜବତ କରିଛନ୍ତି। ଏଥିସହିତ ବାଇକ୍ ଚୋରି କରିଥିବା ଯୁବକଙ୍କୁ ଗିରଫ କର କୋର୍ଟଚାଲାଣ କରିଛନ୍ତି। ସେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣଶୁଆପାଳ ଗ୍ରାମର ପୁଅ ନୃପେନ୍ଦ୍ର ମହାନ୍ତି(୨୩)। ଅଭିଯୋଗ ମୁତାବକ, ଖଣ୍ଡିଆବନ୍ଧି ଗ୍ରାମର ରମେଶ ଚନ୍ଦ୍ର ସେଠୀ ଗତ ୨୫ ତାରିଖରେ ତାଙ୍କ ବାଇକ୍ ଓଡି୦୫କେ୧୮୨୩କୁ ଚଣ୍ଡିଖୋଲ ପରିବା ମାର୍କେଟରେ ରଖି ପରିବା କିଣୁଥିଲେ। ଏହି ସମୟରେ ନୃପେନ୍ଦ୍ର ବାଇକ୍‌କୁ ନେଇ ପଳାଇଥିଲେ। ପରେ ନୃପେନ୍ଦ୍ର ବାଇକ୍ ଧରି ମହାବିନାୟକ ପାଦଦେଶରେ ଥିବା ହନୁମାନ ମନ୍ଦିର ନିକଟରେ ଇତସ୍ତତଃ ଭାବରେ ବୁଲୁଥିଲେ। ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ତାଙ୍କୁ ଧରି ପଚରାଉଚରା କଲାପରେ ନୃପେନ୍ଦ୍ର ବାଇକ୍‌କୁ ଚୋରି କରିଥିବା ମାନିଥିଲେ। ଏନେଇ ନଂ.୫୩୫/୨୪ରେ ମାମଲା ରୁଜୁ ହୋଇଛି।

## ଚଣ୍ଡିଖୋଲ କୋର୍ଟରେ ସମ୍ବିଧାନ ଦିବସ

**ଚଣ୍ଡିଖୋଲ,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ କୋର୍ଟ ପରିସରରେ ମଙ୍ଗଳବାର ତାଲୁକ ଆଇନ ସେବା କେନ୍ଦ୍ର ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସବ୍‌ଜଜ ବିଶ୍ୱଦୀପକ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଚାରପତି ପରବିନ ମଣ୍ଡଳ ଓ ସ୍ମୃତି ଅଭିଲାଷା ଯୋଗଦେଇ ସମ୍ବିଧାନର ସୁରକ୍ଷା, ସହିତ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ କୁମାର ଦାସ, ଆଇନଜୀବୀ ଶିରିଶ କୁମାର ସାମଲ, ପରମାନନ୍ଦ ସାହୁ ପ୍ରମୁଖ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ।

## ବାଲିଆ କଲେଜରେ ବିର୍ସା ମୁଣ୍ଡା ଜୟନ୍ତୀ


ବିର୍ସାମୁଣ୍ଡା ଜୟନ୍ତୀରେ ଯୋଗଦେଇଥିବା ଅତିଥି।

**ବରୀ,୨୬।୧୧(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଅଧୀନ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶରତ କୁମାର ଜେନା ପରିଚାଳନା କରିଥିଲେ। ଅଧ୍ୟାପକ ଅଭିନ୍ନ ଚନ୍ଦ୍ର ମହାନ୍ତି, ମନ୍ମଥ ଜେନା, ନିମାଁଇ ଚରଣ ଲେଙ୍କା, ଗୁଣନିଧି ଜେନା, ସୁଧାଂଶୁ ଶେଖର ବାଗ, ସ୍ମୃତି ପଟ୍ଟନାୟକ, ମନ୍ଦାକିନୀ ସାମନ୍ତରାୟ, ଖବରଦାତା ଚୈତନ୍ୟ ଚରଣ ଜେନା ଓ ସନ୍ତୋଷ ରାଉତ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରସମାଜ ଆଗେଇ ଆସିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ ମୁଦୁଲି ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବ୍ୟାସନଗର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ


ସଭ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

**ଯାଜପୁରରୋଡ୍,୨୬।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌରପରିଷଦରେ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ବ୍ୟାସନଗରର ପ୍ରଭାରୀ ବଳଭଦ୍ର ଦାସଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ସଂଗୀତ ପିଙ୍ଗୁଆ, ଉପନଗରପାଳ ସୁବାସ ବଳ, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ସବିତା ରାଉତ, କାଉନସିଲର କୁମୁଦିନୀ ରାଉତ, ଅଶୋକ ରାଉତ, ଉର୍ମିଳା ପରିଡ଼ା, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ସିଦ୍ଧାନ୍ତ ଶଙ୍କର ସାମଲ, ପାର୍ଥସାରଥୀ ନାୟକ, ସନ୍ତୋଷ କୁମାର ବରାଳ, ବୁଦ୍ଧୁନୀ ଡରାଇ, ସରିତା ଜେନା, ବିଜୟ କୁମାର ଜେନା, ରଶ୍ମିତା ଖୁଣ୍ଟିଆ, ଶିବାନନ୍ଦ ନାୟକ, ସରୋଜିନୀ ସେଠୀ, କୋରେଇ ନିର୍ବାଚନମଣ୍ଡଳୀ କୋଡିନେଟର ତପସ୍ୱିନୀ ଶତପଥୀ, ସଞ୍ଜିତ ଜେନା, ମହେଶ କୁମାର ଦାସ, ପ୍ରିୟତମା ରାଉତ, ମଞ୍ଜୁଶ୍ରୀ ପରିଡ଼ା, ଇନ୍ଦ୍ରଜିତ ମହାନ୍ତି, ଅମୂଲ୍ୟ କୁମାର ନାୟକ ଓ ଗୋବିନ୍ଦ ଚରଣ ଜେନା ଉପସ୍ଥିତ ଥିଲେ।

## ଆରୋଗ୍ୟ ମନ୍ଦିରରେ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦଳ

**ରସୁଲପୁର,୨୬।୧୧(ରଂଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଜାତୀୟ ଗୁଣବତ୍ତା ଆକଳନ ସଂସ୍ଥା ପକ୍ଷରୁ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦଳ ଆସି ସ୍ଥିତି ପରଖିଛନ୍ତି। ସେମାନେ ଆରୋଗ୍ୟ ମନ୍ଦିରର ନଥିପତ୍ର ଯାଞ୍ଚ କରିବା ସହ ଜନସାଧାରଣଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଛନ୍ତି। ଏହି ଆଧାରରେ ଆରୋଗ୍ୟ ମନ୍ଦିରଗୁଡିକୁ କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୨୬ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟ କରୁଛି। ପ୍ରତିବର୍ଷ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦଳ ଆରୋଗ୍ୟ ମନ୍ଦିର ପରିଦର୍ଶନରେ ଆସି ସ୍ଥିତି ପରଖୁଛନ୍ତି। ଡାକ୍ତର ପ୍ରିତିନନ୍ଦନ, ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାରଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ଦଳ ନରସିଂହପୁରସ୍ଥିତ ଆରୋଗ୍ୟ ମନ୍ଦିରରେ ପହଞ୍ଚିଥିଲେ। ଯାଜପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତା ପରିଚାଳିକା ଲୋପାମୁଦ୍ରା ଦାସମହାପାତ୍ର, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରଶ୍ମୀରଞ୍ଜନ ପଶାୟତ, ଡା. ବସନ୍ତ କୁମାର ପଣ୍ଡା, ହରିପୁର ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁ କୁମାର, ଆୟୁଷ ଡାକ୍ତର ଦେବସ୍ମିତା ପୃଷ୍ଟି, ବ୍ଲକ ପ୍ରୋଗ୍ରାମ ମାନେଜର ଜ୍ୟୋତ୍ସ୍ନାମ୍ବରୀ ସାହୁ, ବ୍ଲକ ହିସାବ ପ୍ରବନ୍ଧକ ମଧୁସୂଦନ ଦାସ, ବ୍ଲକ ଗୋଷ୍ଠୀ ତଥ୍ୟ ପ୍ରବନ୍ଧକ ଯାଜ୍ଞସେନୀ ମୁଦୁଲି, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସରୋଜିନୀ ମହାନ୍ତି, କମ୍ୟୁନିଟ୍ ସ୍ୱାସ୍ଥ୍ୟ ଅଧିକାରୀ ନିରୁପମା ବେହେରା, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମିଳା କର, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପବିତ୍ର ମୋହନ ପୃଷ୍ଟି ପ୍ରମୁଖ ଯୋଗଦେଇ ଆରୋଗ୍ୟ ମନ୍ଦିରର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। ପର୍ଯ୍ୟବେକ୍ଷକ ଦଳ ନରସିଂହପୁର ଆରୋଗ୍ୟ କେନ୍ଦ୍ର ଅଞ୍ଚଳର ଜନସାଧାରଣଙ୍କୁ ଭେଟି ସ୍ୱାସ୍ଥ୍ୟସେବା ସମ୍ପର୍କରେ ମତ ସଂଗ୍ରହ କରି ସନ୍ତୋଷବ୍ୟକ୍ତ କରିଥିଲେ। ଆଶା କର୍ମୀମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୨୦୨୩–୨୪ ବର୍ଷରେ ବାହାଦଲାପୁର ପଞ୍ଚାୟତସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୨୦୨୪–୨୫ ଆର୍ଥିକ ବର୍ଷରେ କଲଣ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ କେନ୍ଦ୍ରୀୟ ଗୁଣବତ୍ତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପର୍ଯ୍ୟବେକ୍ଷକ ଦଳ ପକ୍ଷରୁ ସ୍ଥିତି ଯାଞ୍ଚ କରାଯାଇ ଏଭଳି ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।



ନରସିଂହପୁର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଦଳ ସହ ଅନ୍ୟମାନେ।

# ଭାରତୀୟ ସମ୍ବିଧାନ ବିଶ୍ୱର ସର୍ବବୃହତ୍

ଜଗତ୍‌ସିଂହପୁର/ରଘୁନାଥପୁର, ୨୬।୧୧ (ପ୍ରମୋଦ କୁମାର ନାୟକ/ରାଜେନ୍ଦ୍ର ନାରାୟଣ ସିଂହ)



ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳସ୍ଥିତ ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀ।

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳସ୍ଥିତ ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ମଙ୍ଗଳବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ସଚିବ ବି.ଡି. ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆଇନ ସେବା ପ୍ରାଧିକରଣ ସଚିବ ଚନ୍ଦନା ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରି କହିଥିଲେ, ୨୦୧୫ରୁ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଉଛି। ୧୯୪୯ ନଭେମ୍ବର ୨୬ରେ ଭାରତୀୟ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା। କିନ୍ତୁ ୧୯୫୦ ଜାନୁଆରୀ ୨୬ରେ ଭାରତୀୟ ସମ୍ବିଧାନକୁ କାର୍ଯ୍ୟକାରୀ କରାଯାଇଥିଲା। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ସର୍ବବୃହତ୍ ଲିଖିତ ସମ୍ବିଧାନ। ଏଥିରେ ସମ୍ବିଧାନ ସଂଶୋଧନର ପ୍ରଣାଳୀ, ମୌଳିକ କର୍ତ୍ତବ୍ୟ, ମୌଳିକ ଅଧିକାର, ସ୍ୱାଧୀନ ନ୍ୟାୟପାଳିକା, ଧର୍ମନିରପେକ୍ଷ ରାଷ୍ଟ୍ର, ଏକକ ନାଗରିକତା ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ବୋଲି କହିଥିଲେ। ଏହି ଦିବସ ଅବସରରେ ବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ମଧ୍ୟ ସମ୍ବିଧାନ ଦିବସ ଉପରେ ବକ୍ତବ୍ୟ ଦେଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ରଘୁନାଥପୁର ବ୍ଲକ ରେଡ୍ଡୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନ ଧର୍ମୀ ସଭାରେ କଲେଜର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ପଣ୍ଡା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ପ୍ରଣୟନର ଉଦ୍ଦେଶ୍ୟ ଓ ପାଳନ ସମ୍ପର୍କିତ ବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହାଛଡ଼ା ଭାରତୀୟଙ୍କ ଜାତୀୟତାବାଦର ନିଦର୍ଶନ ସମ୍ବିଧାନ ସାମାଜିକ ବିଧି ବ୍ୟବସ୍ଥାର ପଥ ପ୍ରଦର୍ଶକ ବୋଲି ଅଧ୍ୟକ୍ଷ ପ୍ରଫେସର ପଣ୍ଡା ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରତାପ ଲେଙ୍କା ସଭା ପରିଚାଳନା କରି ପ୍ରସ୍ତାବନାକୁ କିପରି ସମ୍ବିଧାନରେ ଗୁରୁତ୍ୱ ଦିଆଯାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ କେଦାର ମୁଦୁଲି ଓ ଗଦାଧର ପାଣି ସମ୍ବିଧାନର ଐତିହାସିକ ପୃଷ୍ଠଭୂମି ଏବଂ ଏହାର ପ୍ରସ୍ତାବନାକୁ କିପରି ରାଷ୍ଟ୍ର ତଥା ନୀତି ସହ ବିବେଚନା କରାଯାଇଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସମ୍ବିଧାନର ପ୍ରସ୍ତାବନାକୁ ପାଠ କରାଯାଇଥିଲା। ଅଧ୍ୟାପକ ପ୍ରଶାନ୍ତ ନାୟକ, ହିମାଂଶୁ ଜେନା, ରଞ୍ଜନ ମହାନ୍ତି, ସରୋଜକାନ୍ତ ମିଶ୍ର, ଆଲୋକ ପ୍ରଧାନ, ଯାଜ୍ଞସେନୀ ରାଉତ, ସ୍ମିତା ପ୍ରଧାନ, ସ୍ୱାଗତିକା ଦାସ, ସୌମ୍ୟା ମହାନ୍ତି ଓ ସୋର୍ଣ୍ଣପ୍ରଭା ମଲ୍ଲିକ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ପାଣି ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ଘର ସମେତ ଆସବାବପତ୍ର ପୋଡ଼ି ପାଉଁଶ

କୁଜଙ୍ଗ, ୨୬।୧୧ (ମନୋଜ ପ୍ରଧାନ)

ସୋମବାର ବିଳମ୍ବିତ ରାତିରେ କୁଜଙ୍ଗ ତହସିଲ ଅନ୍ତର୍ଗତ ବଡ଼ଙ୍ଗ ଗ୍ରାମର ସୁବୋଧ ଭୋଳଙ୍କର ଚାଳରେ ନିଆଁ ଲାଗି ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ରାତିରେ ଖାଇପିଇ ସୁବୋଧଙ୍କ ପରିବାର ଶୋଇ ଯାଇଥିଲେ। ହଠାତ ରାତି ୨ଟାରେ ଧୂଆଁ ଯୋଗେ ଅଣନିଃଶ୍ୱାସୀ ହୋଇ ପଡ଼ିବାରୁ ନିଦ ଭାଙ୍ଗି ଯାଇଥିଲା। ନିଦରୁ ଉଠି ଦେଖିଲା ବେଳକୁ ତାଙ୍କ ଘରେ ନିଆଁ ଲାଗିଯାଇଛି। ଫଳରେ ପାଖ ପଡ଼ୋଶୀଙ୍କୁ ଡାକ ପକାଇ ଥିଲେ। ପଡ଼ୋଶୀମାନେ ଉଠି ନିଆଁକୁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। କୁଜଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବି ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା। ମଙ୍ଗଳବାର କୁଜଙ୍ଗ ତହସିଲ ପକ୍ଷରୁ ବାଲିଆ ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରି ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ଖବରପାଇ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଅମିତ ପ୍ରଧାନ ଓ ଦୁଷ୍ମନ୍ତ ନାଥଶର୍ମା ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରୁ ନଳକୂପ ଚୋରି

ରଘୁନାଥପୁର, ୨୬।୧୧ (ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ରେଡ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଏକ ନଳକୂପକୁ ସୋମବାର ରାତିରେ କୌଣସି ଦୁର୍ବୃତ୍ତ ଚୋରିକରି ନେଇଛନ୍ତି। ଏନେଇ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଗତ କିଛିମାସ ପୂର୍ବେ ଗୋଟିଏ ରାତିରେ ଏହି ଅଂଚଳର ବିଭିନ୍ନ ସ୍ଥାନରେ ଚୋରି ହୋଇଥିଲା। ଏହା ପୋଲିସ ପାଇଁ ଚିନ୍ତାର କାରଣ ହୋଇଥିଲା। ଚୋରଦଳ ପୁନର୍ବାର ସକ୍ରିୟ ହୋଇଥିବାରୁ ରେଡ୍ଡୁଆ ଅଞ୍ଚଳବାସୀ ନିଜ ଧନଜୀବନକୁ ସୁରକ୍ଷିତ ମନେକରୁନାହାନ୍ତି।

## ଗୁଣବତ୍ତାସମ୍ପନ୍ନ ଧାନ ଆଣି ଉଚିତ ପ୍ରାପ୍ୟ ନିଅ



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ରଘୁନାଥପୁର, ୨୬।୧୧ (ରାଜେନ୍ଦ୍ର ନାରାୟଣ ସିଂହ)

**ଆରଏମ୍‌ସି ପକ୍ଷରୁ ଚାଷୀଙ୍କୁ ଧାନର ମାନ ସମ୍ପର୍କରେ ପ୍ରଶିକ୍ଷଣ**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତରେ ଆରଏମ୍‌ସି ପକ୍ଷରୁ ସ୍ଥାନୀୟ ଚାଷୀଙ୍କୁ ନେଇ ଉନ୍ନତ ତଥା ଗୁଣବତ୍ତା ଧାନର ମାନ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାନ ସଂଗ୍ରହକାରୀ ଏସ୍‌ଏଚ୍‌ଜି ଶିବଶକ୍ତି ଗ୍ରୁପ ପକ୍ଷରୁ ଆୟୋଜିତ ଶିବିରରେ ଜଗତ୍‌ସିଂହପୁର ଜିଲା ସିଏସ୍‌ଓ ସୁଜାତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉନ୍ନତମାନର ଗୁଣବତ୍ତା ଧାନ ମଣ୍ଡିକୁ ଆଣି ସରକାରଙ୍କ ପକ୍ଷରୁ ଥିବା ଧାର୍ଯ୍ୟ ପ୍ରାପ୍ୟ ଚାଷୀମାନେ ନେବାକୁ ଆହ୍ୱାନ ଦେଇଥିଲେ। ଆରଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ ଗୁଣବତ୍ତାସମ୍ପନ୍ନ ଧାନ କାହାକୁ କହିବା ଓ ଏହାକୁ କିପରି ପ୍ରସ୍ତୁତ କରି ମଣ୍ଡିକୁ ଆଣିବା ସେ ସମ୍ପର୍କରେ ତଥ୍ୟ ରଖିଥିଲେ। ଏହି ଅବସରରେ ମେଶିନ ଦ୍ୱାରା ଗୁଣବତ୍ତା ଧାନର ଆର୍ଦ୍ରତା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ଜିଲା ପରିଷଦଙ୍କ ପ୍ରତିନିଧି ପ୍ରକାଶ ମଲ୍ଲିକ, ଏସିଏସ୍‌ଓ ମଧୁସ୍ମିତା ମହାନ୍ତି, ଏମ୍‌ଆଇ ସନ୍ଦୀପ ଦାସ, ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ ଓ ବିପିସି ଶଶାଙ୍କ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଯୁବ ଚାଷୀ ଅନ୍ତର୍ଯ୍ୟାମୀ ରାଉତ ସଭା ପରିଚାଳନା, ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଶିବଶକ୍ତି ଏସ୍‌ଏଚ୍‌ଜିର ସଭାପତି କାମିନୀ ସ୍ୱାଇଁ, ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ, ସଭ୍ୟା ପ୍ରଣତି ସ୍ୱାଇଁ ଓ ଚିନ୍ମୟୀ ମହାପାତ୍ର ଏଥିରେ ସହଯୋଗ କରିଥିଲେ। ଚଣ୍ଡିପ୍ରସାଦ ସିଂହ, ବିନୋଦ ବିହାରୀ ମହାନ୍ତି, ଉମେଶ ଚନ୍ଦ୍ର ପରିଡା, ବସନ୍ତ ଦାଶ, କମଳାକାନ୍ତ ସାହୁ, ପ୍ରତାପ ଚନ୍ଦ୍ର ରାଉତଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଜେଲ୍

ଏରସମା, ୨୬।୧୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଦେୱାନୀ ଓ ଫୌଜଦାରି ଅଦାଲତର ବିଚାରପତି ସୋମବାର ଜିଆର ନଂ. ୨୬୮/୨୩ର ମାମଲା ରୁଜୁ କରି ୨ ଜଣଙ୍କୁ ଏକ ଚୋରି ଘଟଣାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ନୟାଗଡ଼ର ବିଶ୍ୱଜିତ ଗୁରୁଙ୍କୁ ଭାରତୀୟ ଦଣ୍ଡବିଧି ଆଇନ ଅନୁଯାୟୀ ଦଫା ୪୧୯, ୪୬୫, ୪୬୮, ୪୭୧ ଓ ୩୪ରେ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦୦୦ ଟଙ୍କା ଜରିମାନା କରିଛନ୍ତି। ଏଥିସହ ଅନ୍ୟ ଜଣେ କେନ୍ଦୁଝରର କାଠିଆ ଦେହୁରୀଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦ଟଙ୍କା ଜରିମାନା କରିଛନ୍ତି। ସେମାନଙ୍କ ନାମରେ ଅଭୟଚାନ୍ଦପୁର ଥାନାରେ ଆଇଓସିଏଲ୍‌ରୁ ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାକୁ ଅଭୟଚାନ୍ଦପୁର ଥାନାର ଚିନ୍ମୟ ରଞ୍ଜନ ପାଣି ତଦନ୍ତ କରିଥିଲେ।

## ଭତ୍ତା ବୃଦ୍ଧି ଦାବିରେ ବିଡିଓଙ୍କୁ ଦାବିପତ୍ର

କୁଜଙ୍ଗ, ୨୬।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ସରକାର ଘୋଷଣା କରିଥିବା ସମସ୍ତ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଓ କଳାକାରଙ୍କୁ ମାସିକ ୩ ହଜାରରୁ ୩ ହଜାର ୫ ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବାକୁ ଦାବି କରି ବ୍ଲକ ସମ୍ମୁଖରେ ସମବେତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଭତ୍ତା ପ୍ରଦାନ ସଂଘର୍ଷ ସମିତି ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି କହିଥିଲେ, ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ କଳାକାର ଅର୍ଥ ଅଭାବରୁ ଦୁଃସ୍ଥ ଜୀବନଯାପନ କରୁଛନ୍ତି। ସେମାନଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁସାରେ ଭତ୍ତା ନ ଦେଲେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଜଙ୍ଗ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା ସଭାନେତ୍ରୀ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପାଲାଗାୟିକା ଭାରତୀ ମିଶ୍ର, ନାରାୟଣ ପ୍ରସାଦ ସାହୁ ଓ ନଳିନୀ ସିଂହଙ୍କ ସମେତ ବହୁ ହିତାଧିକାରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସମ୍ବିଧାନ ଦିବସରେ ଶପଥପାଠ

ଜଗତ୍‌ସିଂହପୁର, ୨୬।୧୧ (ପ୍ରମୋଦ କୁମାର ନାୟକ)

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ୭୫ତମ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ସମ୍ବିତ୍ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଏନେଇ ଆୟୋଜିତ ସଭାରେ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଜିଲାସ୍ତରୀୟ ଅଧିକାରୀ ତଥା ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପାଠ କରିଥିଲେ। ଭାରତକୁ ଏକ ସମ୍ପୂର୍ଣ୍ଣ ପ୍ରଭୁତାସମ୍ପନ୍ନ ସମାଜବାଦୀ, ଧର୍ମନିରପେକ୍ଷ ଲୋକତାନ୍ତ୍ରିକ ଗଣରାଜ୍ୟ ଭାବେ ଗଠନ କରିବା ନିମନ୍ତେ, ଏହାର ସମସ୍ତ ନାଗରିକଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ତଥା ବିଚାର, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ, ଉପାସନାର ସ୍ୱାଧୀନତା ସହ ବ୍ୟକ୍ତିର ଗରିମା, ରାଷ୍ଟ୍ରର ଏକତା ଓ ଅଖଣ୍ଡତା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତେ ଶପଥପାଠ କରିଥିଲେ। ଶେଷରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବୃହନ୍


@ ସର୍ବେଶ୍ୱର


@ ସେହେନ୍ସା


@ ଅମିତ୍


@ ସୌଭାଗ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସମ୍ବିଧାନ ଆମକୁ ନ୍ୟାୟ, ସ୍ୱାଧୀନତା, ସମାନତା ଅଧିକାର ଦେଇଛି


ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଅଧିକାରୀମାନଙ୍କୁ ଶପଥ ପାଠ କରାଉଛନ୍ତି।

ପାରାଦୀପ, ୨୬।୧୧ (ଶରତ ରାଉତ)

ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ସମ୍ବିଧାନ ଦିବସ ପାଳନ କରାଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ ସମ୍ବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବିଧାନ ପ୍ରତ୍ୟେକଙ୍କୁ ମୌଳିକ ଅଧିକାର ଦେଇଛି। ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ବାଣ୍ଟିଛି। ସମ୍ବିଧାନ ପାଇଁ ଆମେ ସମସ୍ତେ ନିଜ ଅଧିକାର ସମ୍ପର୍କରେ ଅବଗତ ଅଛନ୍ତି। ଏହାକୁ ସମ୍ମାନ ଦେବାକୁ ହାରାନ୍ଧ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଜାତୀୟ ଇକୋ-ହାକାଥନ୍ ପ୍ରତିଯୋଗିତାରେ ଯୋଗଦେବେ ଆର୍ୟାହୀ

ଜଗତ୍‌ସିଂହପୁର, ୨୬।୧୧ (ପ୍ରମୋଦ କୁମାର ନାୟକ)

**ଡିସେମ୍ବର ୧୭ରେ ହେବ ପ୍ରତିଯୋଗିତା**



ଡିସେମ୍ବର ୧୭ରେ ନୂଆଦିଲ୍ଲୀଠାରେ ଜାତୀୟସ୍ତରୀୟ ଇକୋ-ହାକାଥନ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଗ୍ରୁପ୍-ଏ'ରେ ସାରା ଦେଶରୁ ୩୫ ଜଣ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ୫ ଜଣ ରହିଛନ୍ତି। ମନୋନୀତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାରୁ ଏକମାତ୍ର ଛାତ୍ରୀ ଅର୍ଥାତ୍ ଜଗତ୍‌ସିଂହପୁର କେନ୍ଦ୍ରୀୟ ବିଦ୍ୟାଳୟ ୬ଷ୍ଠ ଶ୍ରେଣୀ ଛାତ୍ରୀ ଆର୍ୟାହୀ ଅର୍ପିତା ନାୟକ ସ୍ଥାନ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଜାତୀୟସ୍ତରକୁ ମନୋନୀତ ହେବା ପୂର୍ବରୁ ସମ୍ଭାବ୍ୟ ଶକ୍ତି ସଙ୍କଟ ଦୂର ସହ ଇକୋ-ଫ୍ରେଣ୍ଡଲି ପରିବେଶ ସୃଷ୍ଟି ପାଇଁ ଛାତ୍ରୀଛାତ୍ରମାନେ ଆଭାସୀ ମାଧ୍ୟମରେ ସେମାନଙ୍କ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରତିଯୋଗିତାରେ ଆର୍ୟାହୀ ଅର୍ପିତା ତାଙ୍କ ବାପା ତଥା ବିଜ୍ଞାନ ଶିକ୍ଷକ ପଦରଜ ଉମାକାନ୍ତ ନାୟକଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ କରିଥିବା ପ୍ରକଳ୍ପ 'ଇକୋ ପମ୍ପ' ବିଚାରକ ମଣ୍ଡଳୀ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା। ଚାଷୀମାନେ ଜଳସେଚନ ପାଇଁ ବିଦ୍ୟୁତ୍, କିରୋସିନ ଓ ଡିଜେଲ ପମ୍ପ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ନବୀକରଣଯୋଗ୍ୟ ଶକ୍ତିଉତ୍ସ ଧୀରେ ଧୀରେ ଶେଷ ହୋଇଯାଉଛି। ଏଥିସହ ପମ୍ପରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ପରିବେଶକୁ ପ୍ରଦୂଷିତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ଆର୍ୟାହୀ ଏକ ଇକୋ ଫ୍ରେଣ୍ଡଲି ପମ୍ପ ତିଆରିକରି ଚର୍ଚ୍ଚାକୁ ଆସିଛନ୍ତି। ଚାଷୀମାନେ ଏହି ପମ୍ପକୁ ହାତରେ ଚଳାଇପାରିବେ। ଏହା ପାଖାପାଖି ୦.୫ ଏକ୍ରର ଏକ ବିଦ୍ୟୁତ୍ ପମ୍ପ ଭଳି ପାଣି ଉଠାଇପାରିବ। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, ବନ୍ଧୁ ଓ ସାଙ୍ଗସାଥୀଙ୍କଠାରୁ ପ୍ରଶଂସାର ସୁଅ ଛୁଟୁଛି।

ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସହାୟତାରେ ପାଇବାମ୍ ଫାଉଣ୍ଡେଶନ ଓ ଆମାଜନ ଫ୍ୟୁଚର ଇଞ୍ଜିନିୟରଙ୍କ ଦ୍ୱାରା ଆୟୋଜିତ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ସାରା ଦେଶରୁ ୧.୯ ଲକ୍ଷ ଇନୋଭେଟିଭ୍ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରତିଯୋଗିତା ବିଶେଷକରି ୨ଟି ଗ୍ରୁପ୍‌ରେ ହୋଇଥିଲା। ଗ୍ରୁପ୍-ଏ'ରେ ୬ଷ୍ଠରୁ ୧୦ମ ଓ ଗ୍ରୁପ୍-ବି'ରେ ଯୁକ୍ତ୨ରୁ ଯୁକ୍ତ୩ ର ଛାତ୍ରୀଛାତ୍ର ଭାଗନେଇଥିଲେ। ଉଭୟ ଗ୍ରୁପ୍‌ରେ ୩୫ ଜଣ ହିସାବରେ ମୋଟ ୭୦ ଜଣ ଯୋଗଦେବାକୁ ମନୋନୀତ ହୋଇଛନ୍ତି।

## ଆବର୍ଜନାରେ ପରିପୂର୍ଣ୍ଣ ବ୍ଲକ ପଡ଼ିଆ

କୁଜଙ୍ଗ, ୨୬।୧୧ (ମନୋଜ ପ୍ରଧାନ)

- ଅଳିଆ ପକାଉଛନ୍ତି ବ୍ୟବସାୟୀ
- ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି


ବ୍ଲକ ପଡ଼ିଆରେ ଆବର୍ଜନା ଜମିଛି।

କୁଜଙ୍ଗ ବ୍ଲକ ପଡ଼ିଆରେ ବିଭିନ୍ନ ସାଂସ୍କୃତିକ ଓ ଅନ୍ୟାନ୍ୟ ସମାବେଶ ସହ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଅନ୍ୟପଟେ ବରିଷ୍ଠ ନାଗରିକମାନଙ୍କ ପାଇଁ ମୁକ୍ତାକାଶ ବ୍ୟାୟାମ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ପଡ଼ିଆର ଚତୁଃପାର୍ଶ୍ୱକୁ ଫେଭର୍ ଇଟାରେ ତିଆରି କରାଯିବା ସହ ସାଧାରଣ ଲୋକଙ୍କ ବସିବା ନିମନ୍ତେ କଂକ୍ରିଟ ଚୌକି ପଡ଼ିଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ବ୍ୟବସାୟୀମାନେ ଅଳିଆ ଆବର୍ଜନା ପକାଇ ପୂରା ପଡ଼ିଆକୁ ଆବର୍ଜନା କୁଣ୍ଡରେ ପରିଣତ କରିଛନ୍ତି। ସବୁଠାରୁ ବଡ଼ କଥା ହେଲା ଉକ୍ତ ପଡ଼ିଆରେ ସଂସ୍କୃତି ମଣ୍ଡପ ନିର୍ମାଣ ହୋଇଥିବାରୁ ସାଧାରଣରେ ଏହି ପଡ଼ିଆକୁ ସଂସ୍କୃତି ପଡ଼ିଆ ବୋଲି କୁହନ୍ତି। ଏହି ପଡ଼ିଆଟି ବ୍ଲକ, ତହସିଲ କାର୍ଯ୍ୟାଳୟ ଓ କୋର୍ଟକୁ ଲାଗି ରହୁଥିବାରୁ ପ୍ରତିଦିନ ବହୁ ଲୋକ ଏଠାରେ ରୁଣ୍ଡ ହୁଅନ୍ତି। ମାତ୍ର ବ୍ଲକ ପଡ଼ିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବାରୁ ଏଠାରେ ବସିବେ କ'ଣ ନାକ ଟେକିଚାଲି ଯାଉଛନ୍ତି। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ବହୁବାର ଅର୍ଥ ଖର୍ଚ୍ଚ କରି ସଫା କରାଯାଉଥିଲେ ମଧ୍ୟ ନିକଟସ୍ଥ ମାର୍କେଟ କମ୍ପ୍ଲେକ୍ସର ବ୍ୟବସାୟୀମାନେ ପ୍ରତିଦିନ ସେଠାରେ ଆବର୍ଜନା ପକାଉଛନ୍ତି। ସଂସ୍କୃତି ମଣ୍ଡପକୁ ଲାଗିକରି ଦୁଇଟି ମଦ ଦୋକାନ ଥିବାରୁ ମଦ୍ୟପମାନଙ୍କ ପାଇଁ ଏହା ଆଡ୍ଡାସ୍ଥଳୀ ପାଲଟିଯାଇଛି। ସେମାନେ ଦୋକାନରୁ ମଦ ଆଣି ସଂସ୍କୃତି ମଣ୍ଡପ ଓ ପଡ଼ିଥିବା କଂକ୍ରିଟ ଚୌକିରେ ବସି ମଦ୍ୟପାନ କରୁଛନ୍ତି। ଏହାପରେ ପଡ଼ିଆରେ ପ୍ଲାଷ୍ଟିକ ଗ୍ଲାସ ଓ ପଲିଥିନ ପକାଇ ଚାଲିଯାଉଛନ୍ତି। ଏସବୁ ସତ୍ତ୍ୱେ ପ୍ରଶାସନ ଚୁପ୍ ବସିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ରାଜସ୍ୱ ପ୍ରଶାସନ ତରଫରୁ ଏକ ବୋର୍ଡ ଲଗାଯାଇ ଏଠାରେ ଆବର୍ଜନା ନ ପକାଇବାକୁ ସେଥିରେ ଉଲ୍ଲେଖ କରାଯାଇଛି। ଏପରି କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ସେଥିରେ ନାମକୁ ମାତ୍ର ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରେ, ବାରମ୍ବାର ସଫା କରାଯାଇଥିଲେ ମଧ୍ୟ ବ୍ୟବସାୟୀ ଓ ସାଧାରଣ ଲୋକ ଏଠାରେ ଆବର୍ଜନା ପକାଉଛନ୍ତି। ଏହାକୁ ପୁନର୍ବାର ଖୁବଶୀଘ୍ର ସଫା କରାଯିବ ବୋଲି କହିଛନ୍ତି।

# ସାପୁଆ ସଂରକ୍ଷିତ ଜଙ୍ଗଲରୁ ବାଉଁଶ ଚାଲାଣ

ନୟାଗଡ଼/ଖଣ୍ଡପଡ଼ା,୨୬।୧୧ (ଲୋକନାଥ ମିଶ୍ର/ଅଜୟ କୁମାର ମହାରଣା): ନୟାଗଡ଼ ବନଖଣ୍ଡ ଖଣ୍ଡପଡ଼ା ରେଞ୍ଜ ସିଂଘାପଡା ସେକ୍ସନ ସାପୁଆ ସଂରକ୍ଷିତ ଜଙ୍ଗଲରୁ ଅବାଧରେ ବାଉଁଶ କଟା ଯିବା ପରେ ସନ୍ଦେହ ସୃଷ୍ଟି ହୋଇଛି । ଗତ ବର୍ଷର ୭ ହଜାର ପୁରୁଣା ବାଉଁଶ କାଟିବାକୁ ଅନୁମତି ଥିବାବେଳେ ଘରୋଇ ସଂସ୍ଥା ମ୍ୟାଟେରିଆଲ ପ୍ରୋକ୍ରିୟର ୫୦ ହଜାରରୁ ଊର୍ଦ୍ଧ୍ୱ ବାଉଁଶ କାଟି ନେଇଥିବା ଅଭିଯୋଗ ହୋଇଛି। ପୁଣି ପୁରୁଣା ସ୍ଥାନରେ ଅଧିକାଂଶ ନୂଆ ବାଉଁଶ କାଟି ନେଇଛି । କିଛି ଦିନ ଧରି ଘଞ୍ଚ ଜଙ୍ଗଲରୁ ବାଉଁଶ କଟା ଯାଉଥିଲେ ମଧ୍ୟ ପ୍ରତିବାଦ ନ ଥିଲା। ତେବେ ବାଉଁଶ ଜଙ୍ଗଲ ପଦା ହେବା ପରେ ପ୍ରତିବାଦ ହେବାରୁ ବନବିଭାଗ ୩ ଟ୍ରିପ୍ ବାଉଁଶ ଜବତ କରି କେବଳ ଟ୍ରକଗୁଡିକୁ ଛାଡି ଦେଇଛି । ବାଉଁଶ ରଖି ଟ୍ରକ ଛାଡି ଦେବା ପରେ ପ୍ରଶ୍ନ ଉଠିଛି ବାଉଁଶ କାଟିବା ବେଳେ ବନବିଭାଗ ଅଥବା କର୍ପୋରେଶନର କର୍ମଚାରୀ ବା ଅଧିକାରୀ କାହିଁକି ଉପସ୍ଥିତ ନ ଥିଲେ । ଜଙ୍ଗଲରୁ କେତେ ବାଉଁଶ କଟା ଯାଇଛି ତା'ର କାହିଁକି ତଦନ୍ତ କରାଗଲାନି । ଘରୋଇ ସଂସ୍ଥା ପ୍ରତି ଅନୁକମ୍ପା ପଛର କାରଣ କ'ଣ ହୋଇପାରେ । ପୁଣି ୭ ହଜାର ସ୍ଥାନରେ ୫୦ ହଜାରରୁ ଊର୍ଦ୍ଧ୍ୱ ବାଉଁଶ କଟିଂ ହୋଇଥିଲେ ମଧ୍ୟ କର୍ପୋରେଶନ ଅଥବା ବନବିଭାଗ କିପରି ଜାଣି ପାରିଲେନି । ଜଙ୍ଗଲରୁ ବାଉଁଶ କଟାଯିବା ପରେ ପ୍ରାୟ ୧୦ ଟ୍ରିପ ବାଉଁଶ ଚାଲାଣ ହୋଇଥିବା କୁହାଯାଉଛି । ପୁଣି ଜଙ୍ଗଲରେ ୩୦ ଟ୍ରିପ ବାଉଁଶ ଗଦା ହୋଇ ପଡିଥିବା ଅଭିଯୋଗ ହୋଇଛି । କର୍ପୋରେଶନ ଆଳ ଦେଖାଇ ବନବିଭାଗ ଚୁପ ରହିବାର କାରଣ ବୁଝାପଡୁନି । ଏଭଳିସ୍ଥଳେ କର୍ପୋରେଶନ ର ଭୂମିକା ମଧ୍ୟ ସନ୍ଦେହଘେରରେ ରହିଛି । କର୍ପୋରେଶନ ପକ୍ଷରୁ ଘରୋଇ ସଂସ୍ଥାକୁ କାରଣଦର୍ଶାଅ ନୋଟିସ୍ ଜାରି କରି ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି ।


ଚାଲାଣ ପାଇଁ ରଖାଯାଇଥିବା ନୂଆ ଓ ପୁରୁଣା ବାଉଁଶ ।

ସୂଚନା ଅନୁଯାୟୀ, ସାରେଣ୍ଡା ଗାଁଠାରୁ ଅନତି ଦୂରରେ ଥିବା ଜଙ୍ଗଲରୁ ଅନେକ ବାଉଁଶ କଟା ଯାଇଛି । କିଛି ଟ୍ରକ ଯୋଗ ବାଉଁଶକୁ ଭୁବନେଶ୍ୱର ଓ ନିମାପଡ଼ା ଚାଲାଣ କରାଯାଇଛି। ଆଉ କିଛି ବାଉଁଶ ଦଶପଲ୍ଲାକୁ ଚାଲାଣ କରାଯାଇଛି । ଘରୋଇ ସଂସ୍ଥା ମଧ୍ୟ କିଛି ବାଉଁଶ ନେଇଛି । ଜିଲା ବାହାର ଶ୍ରମିକ ବାଉଁଶ କଟିଂରେ ଓ ପରିବହନରେ ନିୟୋଜିତ ହୋଇଥିଲେ। ଜିଲାର ଶ୍ରମିକଙ୍କୁ ନିୟୋଜିତ କରା ନ ଯିବାର କାରଣ ମଧ୍ୟ ସନ୍ଦେହ ଘେରରେ ରହିଛି । ଏନେଇ ଓଡିଶା ବନ ଉନ୍ନୟନ ନିଗମର ଦଶପଲ୍ଲା ସବ ଡିଭିଜିନାଲ ମ୍ୟାନେଜର ଶିବାଶିଷ ଦାସ କୁହନ୍ତି, ଗତ ବର୍ଷର ୭ ହଜାର ପୁରୁଣା ବାଉଁଶ କାଟି ନେବାକୁ ଘରୋଇ ସଂସ୍ଥା ମ୍ୟାଟେରିଆଲ ପ୍ରୋକ୍ରିୟରକୁ ଅନୁମତି ମିଳିଥିଲା । ତେବେ ଘରୋଇ ସଂସ୍ଥା ପୁରୁଣା ସ୍ଥାନରେ ନୂଆ ବାଉଁଶ କାଟିବା ସହ ଅଧିକ ବାଉଁଶ କାଟି ନେଇଥିବାର ଜଣାପଡଛି । ଏନେଇ ସଂପୃକ୍ତ ସଂସ୍ଥାକୁ ମଙ୍ଗଳବାର କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି । ୩ଦିନ ଭିତରେ ଉତ୍ତର ମିଳିବାକୁ ନିର୍ଦ୍ଦେଶ ରହିଛି । ଉତ୍ତର ମିଳିବା ପରେ ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

- ପୁରୁଣା ପାଇଁ ଅନୁମତି ଥିବାବେଳେ ନୂଆ ବାଉଁଶ କଟା ହେଲା
- ବନ ବିଭାଗ, କର୍ପୋରେଶନ କର୍ମଚାରୀ ଅନୁପସ୍ଥିତ
- ୭ହଜାର ସ୍ଥାନରେ ୫୦ ହଜାର ଚାଲାଣ ହେଉଛି
- ବାଉଁଶ ଅନ୍‌ଲୋଡ କରି ୩ ଟ୍ରକ୍ ଛାଡିଦେଲା ବନ ବିଭାଗ
- ଅନିୟମିତତାକୁ ନେଇ ଘରୋଇ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍

ସାପୁଆ ଜଙ୍ଗଲରୁ ପ୍ରାୟ ୨୮୦୦ ପୂର୍ବ ବର୍ଷର ବାଉଁଶ ଘରୋଇ ସଂସ୍ଥା ଦଶପଲ୍ଲା ଡିପୋକୁ ପ୍ରଦାନ କରିଛି ବୋଲି କହିଛନ୍ତି । ଖଣ୍ଡପଡା ରେଞ୍ଜର ଉଦିତ କୁମାର ପ୍ରଧାନ କୁହନ୍ତି, ବାଉଁଶ କଟିଂ ପାଇଁ ଓଡିଶା ବନ ଉନ୍ନୟନ ନିଗମର ଦଶପଲ୍ଲା ସବ୍‌ଡିଭିଜନ ଅନୁମତି ଦେଇଛି । ଏଣୁ ବାଉଁଶ କଟିଂରେ ଆମର କିଛି କରିବାର ନାହିଁ ବୋଲି ସେ କହିଛନ୍ତି । ଜଣେ ପରିବେଶବିତ୍ କୁହନ୍ତି, ବାଉଁଶ କଟିଂ ଓଡିଶାରେ ୨୦୧୩ରୁ ବନ୍ଦ ରହିଛି । ତେବେ ନୟାଗଡ଼ ବନଖଣ୍ଡରେ କିପରି କଟିଂ ପାଇଁ ଅନମୁତି ମିଳୁଛି ତାହା ତଦନ୍ତ ସାପେକ୍ଷ ।

# ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ଶିଳ୍ପାନୁଷ୍ଠାନ ପରିଭ୍ରମଣ



ଛାତ୍ରୀମାନେ ଶିଳ୍ପାନୁଷ୍ଠାନ ବୁଲି ଦେଖୁଛନ୍ତି ।

ଶରଣକୁଳ,୨୬।୧୧(ଦୀପକ କର): ନୟାଗଡ଼ ଜିଲା ଶରଣକୁଳ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷାବିଭାଗର ସମଗ୍ର ଶିକ୍ଷାଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ନେଇ ଶିଳ୍ପାନୁଷ୍ଠାନ ପରିଭ୍ରମଣ ଶିକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଇଲେକ୍‌ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଛାତ୍ରୀଛାତ୍ରମାନେ ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନକୌଶଳ ଉପରେ ଶିକ୍ଷାଲାଭ କରିଛନ୍ତି। ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୟାଗଡ଼ ନିକଟ ଖୁଣ୍ଟୁବନ୍ଧଠାରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିଭ୍ରମଣକରି ବିଭିନ୍ନ ବୈଦ୍ୟୁତିକ ଶିକ୍ଷା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଲେକ୍‌ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ନବମଶ୍ରେଣୀର ଛାତ୍ରୀଛାତ୍ରମାନେ ପ୍ରଶିକ୍ଷକ ଗୋରାଙ୍ଗ ସାହୁ ଓ ଅଧକ୍ଷ କ୍ରାନ୍ତି ରଞ୍ଜନ ସାହୁଙ୍କ ସହଯୋଗ କ୍ରମେ ବିଭିନ୍ନ ମୋଟର ରକ୍ଷଣାବେକ୍ଷଣ ଏବଂ ଆଧୁନିକ ଇଲେକ୍ଟ୍ରିକାଲ ଯନ୍ତ୍ରପାତି ଜ୍ଞାନକୌଶଳର ସୁରକ୍ଷିତ କାର୍ଯ୍ୟ କରିବା ବିଷୟରେ ଜ୍ଞାନଲାଭ କରିଥିଲେ। ଏଥିରେ ବିଦ୍ୟାଳୟର ୪୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ଓଡ଼ଗାଁରେ ଜାତୀୟ ସମ୍ବିଧାନ ଦିବସ ପାଳିତ

ଓଡଗାଁ,୨୬।୧୧ (ଆଦର୍ଶ କୁମାର ପଟ୍ଟନାୟକ): ମଙ୍ଗଳବାର ଓଡ଼ଗାଁ ତାଲୁକ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସମ୍ବିଧାନ ଦିବସ ଓଡ଼ଗାଁ ତାଲୁକ ଆଇନ ସେବା କମିଟିର ସଚିବ ତଥା ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ ମାନସ ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ନୟାଗଡ଼ ଅତିରିକ୍ତ ଜିଲା ଦୌରାଜଜ ତଥା ପୋକ୍‌ସୋ ଅଦାଲତର ବିଚାରପତି ମାନସ ରଞ୍ଜନ ପଣ୍ଡା, ଓଡ଼ଗାଁ ଦେୱାନୀ (ବରିଷ୍ଠ) ଅଦାଲତର ବିଚାରପତି ଜନ୍ମେଜୟ ଦାସ, ଓଡ଼ଗାଁ ଦେୱାନୀ (କନିଷ୍ଠ) ବିଭାଗ ଅଦାଲତର ବିଚାରପତି ହରମୋହନ ଦାଶ, ଓଡ଼ଗାଁ ଗ୍ରାମ ନ୍ୟାୟାଳୟ ବିଚାରପତି ସୌମ୍ୟଶ୍ରୀ ମହାପାତ୍ର, ଓକିଲ ସଂଘ ସଭାପତି ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଅତିରିକ୍ତ ସରକାରୀ ଓକିଲ ଇନ୍ଦୁ ଭୂଷଣ ମିଶ୍ର, ଓକିଲ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇଥିଲେ । ବକ୍ତାମାନେ ଗଣତନ୍ତ୍ରରେ ସମ୍ବିଧାନର ଆବଶ୍ୟକତା ସମ୍ପର୍କରେ ନିଜ ମତ ରଖିଥିଲେ। ଏହି ସଭାକୁ ଓଡ଼ଗାଁ ଆଇନ ସେବା ପ୍ରାଧିକରଣର ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ ସଂଯୋଜନା କରିଥିଲେ।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବୃହନ୍


@ ସର୍ବେଶ୍ୱର


@ ସେହେନ୍ସା


@ ଅମିତ୍


@ ସୌଭାଗ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାସ୍ତରୀୟ ସମ୍ବିଧାନ ଦିବସ

ରଣପୁର,୨୬।୧୧ (ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲ୍ଲା ରଣପୁରରେ ଜିଲାସ୍ତରୀୟ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଭାଜପା କର୍ମୀମାନେ ରଣପୁରର ପଞ୍ଚୁଦୋଳ ପଡ଼ିଆଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ସେଠାରେ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସମ୍ବିଧାନ ଦିବସ ଉପରେ ସଚେତନତା ସୃଷ୍ଟି କରିଥିଲେ । ସରକାରୀ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତିକୁ ଆଗାମୀ ଦିନରେ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଏହାପରେ ଏହି ଶୋଭଯାତ୍ରା ରଣପୁର ମା'ମଣିନାଗ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା । ସେଠାରେ ଏକ ସଭାର ଆୟୋଜନ କରାଯାଇ ଥିଲା । ଅତିଥିମାନେ ଡ.ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ନୟାଗଡ଼ ଜିଲ୍ଲା ଭାଜପା ସଭାପତି ତାପସ ରଞ୍ଜନ ମାର୍ଥା, ରଣପୁର ଏମ୍‌ପିଙ୍କ ପ୍ରତିନିଧି ପ୍ରୀୟବ୍ରତ ପ୍ରହରାଜ, ସାମାଜିକ କର୍ମୀ ସନ୍ତୋଷ ପ୍ରହରାଜ, ରାଜକିଶୋର ପଟ୍ଟନାୟକ, ସୁରେଶ ଚନ୍ଦ୍ର ମିଶ୍ର, ବରିଷ୍ଟ ଅଧ୍ୟାପକ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ କର୍ମୀମାନଙ୍କୁ ସମ୍ବିଧାନ ସମ୍ପର୍କରେ ଅବଗତ କରାଇଥିଲେ।



ସମ୍ବିଧାନ ଦିବସ ସଭାରେ ମଞ୍ଚାସୀନ ଅତିଥି ।

## କଂଗ୍ରେସ ପକ୍ଷରୁ ନିର୍ଜଳ ଧାରଣା

ଫୁଲବାଣୀ, ୨୬।୧୧ (ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକ ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିବା ଘଟଣାରେ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ଜଳ ଧାରଣା ଦିଆଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ କଂଗ୍ରେସ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଜିଲା ସଭାପତି ଚନ୍ଦ୍ରଶେଖର ପରିଡା, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ସଙ୍ଗଠକ ପ୍ରତାପ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ ।

# ନାବାଳକଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଖଣ୍ଡପଡ଼ା,୨୬।୧୧(ଅଜୟ କୁମାର ମହାରଣା): ପିଲାଟି ଦିନରୁ ସୋନୁ କଥା କହିପାରୁନାହିଁ କି ଚାଲି ପାରୁନାହିଁ । ସୋନୁର ଏପରି ଅବସ୍ଥାକୁ ଦେଖି ପରିବାର ଲୋକମାନେ ଚିନ୍ତାରେ ପଡିଛନ୍ତି । ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଖଳିସାହି ପଞ୍ଚାୟତ ପୁଆଣିଆଁ ଗ୍ରାମର ନବକିଶୋର ସ୍ୱାଇଁଙ୍କ ୪ବର୍ଷର ପୁଅ ସୋନୁସୁଦ ସ୍ୱାଇଁଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେଠାରେ ତାଙ୍କର ବ୍ୟୟବହୁଳ ଚିକିତ୍ସା ଚାଲିଛି । ଜଣେ ପାଣିପାଇପ ମିସ୍ତ୍ରୀ ଭାବେ କାମ କରୁଥିବା ନବକିଶୋର ଏକମାତ୍ର ପୁଅର ଏପରି ଅବସ୍ଥାକୁ ଦେଖି ଚିନ୍ତାରେ ପଡିଛନ୍ତି । ଧାର ଉଧାର କରି ନବକିଶୋର ପୁଅର ଚିକିତ୍ସା ପାଇଁ ଇତିମଧ୍ୟରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଛନ୍ତି । ହେଲେ ରୋଗ ଉପଶମ ହେବାର ନାଁ ଗନ୍ଧ ଧରୁନାହିଁ । ଏବେ ପ୍ରତିମାସରେ ପୁଅର ଚିକିତ୍ସା ବାବଦରେ ନବକିଶୋରଙ୍କ ପରିବାର ଲୋକେ ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରୁଛନ୍ତି। ଅପରପକ୍ଷେ ସୋନୁ ୮୦ ପ୍ରତିଶତ ଭିନ୍ନକ୍ଷମ ଅଟେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରମାଣପତ୍ର ମିଳିଛି । ମାସିକ ଭତ୍ତା ପାଇବା ପାଇଁ ନବକିଶୋର ପଞ୍ଚାୟତ ଅଧିକାରୀଙ୍କୁ ଜଣାଇବା ସହ ଏକ ଆବେଦନପତ୍ର ଖଣ୍ଡପଡା ବ୍ଲକ୍ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ ଅଦ୍ୟାବଧି ଭତ୍ତା ମିଳିନାହିଁ । ପ୍ରଶାସନର ଅବହେଳା ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି । ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି । ସେହିପରି ସୋନୁର ଆବଶ୍ୟକ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଥିବାରୁ ଏଥିପ୍ରତି ନୟାଗଡ଼ ଜିଲାପାଳ ଦୃଷ୍ଟି ଦେଇ ଜିଲା ରେଡ଼କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ମିଳିପାରିଲେ ଦୁରାରୋଗରେ ପୀଡିତ ସୋନୁ ନୂଆ ଜୀବନ ପାଇ ପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି । ଖଣ୍ଡପଡା ବିଧାୟକ ଏଥିପ୍ରତି ଗୁରୁତ୍ୱ ଦେବାକୁ ପୁଆଣିଆଁ ଗ୍ରାମବାସୀ ଦାବି କରିଛନ୍ତି।



# ବ୍ୟଙ୍ଗକବି ସରୋଜ ମିଶ୍ରଙ୍କ ସ୍ମୃତିସଭା



ଦଶପଲ୍ଲା,୨୬।୧୧(ପ୍ରକାଶ କୁମାର ପାଣି): ବ୍ୟଙ୍ଗକବି ସରୋଜ କୁମାର ମିଶ୍ର ଚିତାକଟା ନାମରେ ପରିଚିତ ଥିଲେ । ଗତ ୨୫ ତାରିଖରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି କିଡ୍‌ନୀ ଜନିତ ରୋଗରେ ପୀଡିତ ହୋଇ ଫୁଲବାଣୀ ପଣସପଡି ବାସଭବନରେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି । ଓଡ଼ିଶାର ବିଭିନ୍ନ ସାହିତ୍ୟ ମଞ୍ଚ, ଟିଭି ଚ୍ୟାନେଲରେ ସେ ସ୍ୱରଚିତ ବ୍ୟଙ୍ଗ କବିତା ଆବୃତ୍ତି କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ଅନେକ ବ୍ୟଙ୍ଗ କବିତା ସଙ୍କଳନ ଲୋକପ୍ରିୟ ହୋଇଥିଲା । ସ୍ୱର୍ଗତ ମିଶ୍ର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଦିବ୍ୟସିଂହପୁର ଶାସନରେ ଜନ୍ମଗ୍ରହଣ କରିଥିଲେ ମଧ ଦଶପଲ୍ଲା ତାଙ୍କର କର୍ମଭୂମି ଥିଲା । ଦଶପଲ୍ଲାର ଅନେକ ଉଚ୍ଚ ବିଦ୍ୟାଳୟରେ ସେ ବିଜ୍ଞାନ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ । ଏହିପରିପ୍ରେକ୍ଷୀରେ ଦଶପଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଠନ ପରିବାର ତରଫରୁ ଏକ ସ୍ମୃତିଚାରଣ ସଭା ଦଶପଲ୍ଲା ମୋହରିରଖାନାଠାରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଗଠନ ପରିବାରର ବହୁ ବରିଷ୍ଠ ସଭ୍ୟ ଯୋଗଦେଇ ନୀରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ ।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚେତାବନୀ ସମାବେଶ

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର):କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧି ନୀତି ବିରୋଧରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କୃଷକ ସଙ୍ଗଠନଗୁଡିକ ତରଫରୁ ଶ୍ରମିକ, କୃଷକ ଓ ଲୋକମାନଙ୍କ ୨୧ ଦଫା ଦାବି ନେଇ ଦେଶବ୍ୟାପୀ ଚେତାବନୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଚେତାବନୀ ସମାବେଶ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମଧ୍ୟାହ୍ନରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଶ୍ରମିକ ଓ କୃଷକଙ୍କ ମିଳିତ ଶୋଭାଯାତ୍ରା ବାହାରି ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷକ ନେତା ହରିଶ୍ଚନ୍ଦ୍ର ମିଶ୍ର, ଶ୍ରମିକ ନେତା ଶରତ ବେହେରା, ଗୋଲକ ମୁଦୁଲି, ସୁରେଶ ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ୍, ସଂଯୁକ୍ତା ସେଠୀ, ଜୟନ୍ତୀ ଦାସ, ଚାପଧାରୀ ରାଉତ, ସରୋଜିନୀ ତ୍ରିପାଠୀ, ପ୍ରତିଭା ସାହୁ, ସୁକାନ୍ତି ଜେନା ଓ ଭିକାରୀ ସାହୁ ପ୍ରମୁଖ ଯୋଗ ଦେଇ କେନ୍ଦ୍ର ସରକାରକୁ ସମାଲୋଚନା କରଥିଲେ । କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ,ଜନ ବିରୋଧୀ ନୀତି ଓ ଆକାଶ ଛୁଆଁ ଦରବୃଦ୍ଧିକୁ ବକ୍ତାମାନେ ସମାଲୋଚନା କରିଥିଲେ । ସରକାର ଚାଷୀଙ୍କୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ, ଶ୍ରମିକ ବିରୋଧୀ ୪ ଶ୍ରମ କୋର୍ଡ ବାତିଲ, ଚାଷୀ ମୂଲିଆଙ୍କୁ ୨୦୦ ଦିନର କାମ ଓ ଦୈନିକ ମଜୁରୀ ୬୦୦ ଟଙ୍କା, ଆକାଶ ଛୁଆଁ ଦରଦାମ ନିୟନ୍ତ୍ରଣ, ଆଶା, ପାଚିକା ଓ ଅଙ୍ଗନୱାଡି ଭଳି ସ୍କିମ୍ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଓ ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା , ସାମାଜିକ ସୁରକ୍ଷା, ନିର୍ମାଣ ଶ୍ରମିକଙ୍କୁ ଜିଲାରେ ପଞ୍ଜୀକରଣ ଓ ସରକାରୀ ସହାୟତା, କୃଷି ଋଣ ଛାଡ, ମାସିକ ୩ ହଜାର ଭତ୍ତା ଓ ୩୦୦ ୟୁନିଟ୍ ବିଦ୍ୟୁତ୍ ଛାଡ କରିବାକୁ ଦାବି କରାଯାଇଥିଲା । ହେଲେ ସ୍ମାରକପତ୍ର ପ୍ରଦାନ ସମୟରେ ଖବରଦାତା ଓ ପ୍ରତିନିଧିମଣ୍ଡଳୀ ପ୍ରତି ଜଣେ ପ୍ରଶାସନିକ ଅଧିକାରୀ ଆଶାଳୀନ ବ୍ୟବହାର କରିଥିବା ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଅଧିକାରୀ ଖବରଦାତାଙ୍କ ଓ ଆନ୍ଦୋଳନକାରୀଙ୍କୁ ବାହାରି ଯାଅ ବୋଲି ଧମକ ଦେଇଥିବା ସେ କହିଛନ୍ତି ।




- ଶ୍ରମିକ ଓ କୃଷକ ବିରୋଧୀ ନୀତି ବିରୋଧରେ ପ୍ରତିବାଦ
- ପ୍ରଶାସନିକ ଅଧିକାରୀଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ

